# ୪ ବର୍ଷ ପରେବି ପୂରଣ ହେଉନି ପ୍ରତିଶ୍ରୁତି

**ଜଗତ୍‌ସିଂହପୁରରେ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ପ୍ରସଙ୍ଗ**

- ଜିଲାକୁ ବାଦ୍ ଦିଆଯିବାରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା
- ଆନ୍ଦୋଳନ ପାଇଁ ଚେତାବନୀ

ଜଗତ୍‌ସିଂହପୁର ଅଫିସ, ୨୩।୬

ରାଜ୍ୟର ୨୦ଟି ଜିଲାରେ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ହେବ ବୋଲି ପାଖାପାଖି ୪ ବର୍ଷ ପୂର୍ବରୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହି ତାଲିକାରୁ ଜଗତ୍‌ସିଂହପୁର ଜିଲା ବାଦ୍ ପଡ଼ିଥିଲା। ସେଥିପାଇଁ ସେତେବେଳେ ଜିଲାବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରି କି କାହିଁକି ଜଗତ୍‌ସିଂହପୁର ବାଦ୍ ପଡିଲା ସେନେଇ ରାଜନୀତି ମଧ୍ୟ ହୋଇଥିଲା। ଶେଷରେ ତତ୍କାଳୀନ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା ଜଗତ୍‌ସିଂହପୁରରେ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତିମଧ୍ୟରେ ୪ ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଧୂଆଁବାଣ ହୋଇଛି। ଏନେଇ ଜନସାଧାରଣଙ୍କ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

୨୦୧୮ ଜୁନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିଭିନ୍ନ ଜିଲାର ୨୦ଟି ସ୍ଥାନରେ ପବ୍ଲିକ ପ୍ରାଇଭେଟ୍ ପାର୍ଟନରଶିପ୍ (ପିପିପି) ମୋଡ୍‌ରେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ କରାଯିବ ବୋଲି ଘୋଷଣା କରିଥିଲେ। ସେଗୁଡିକ ହେଲା ପୁରୀ, ଜୟପୁର, ଅନୁଗୋଳ, ବଡବିଲ, ବାରିପଦା, ଭଦ୍ରକ, ବଲାଙ୍ଗୀର, ଝାରସୁଗୁଡ଼ା, କଳାହାଣ୍ଡି, ଫୁଲବାଣୀ, ଢେଙ୍କାନାଳ, ବୌଦ୍ଧ, ନୂଆପଡ଼ା, ମାଲକାନଗିରି, ନବରଙ୍ଗପୁର, ସୁବର୍ଣ୍ଣପୁର, ରାୟଗଡ଼ା, ପାରଳାଖେମୁଣ୍ଡି, ରାଇରଙ୍ଗପୁର ଏବଂ କେନ୍ଦ୍ରାପଡ଼ା। ଏସବୁ ମଲ୍ଟି ସ୍ପେଶାଲିଟି ହସ୍ପିଟାଲରେ ୨,୭୦୦ ଶଯ୍ୟା ସୃଷ୍ଟି ହେବା ସହ ଏଥିପାଇଁ ୧,୦୦୦ କୋଟି ଟଙ୍କା ବ୍ୟୟ ହେବ । ୧୦,୦୦୦ କର୍ମନିଯୁକ୍ତି ସୃଷ୍ଟି ହେବ। ଏହାଦ୍ୱାରା ରାଜ୍ୟରେ ଅଭାବ ଥିବା ମୋଟ ଶଯ୍ୟା ସଂଖ୍ୟା ମଧ୍ୟରୁ ୫୬% ପୂରଣ ହୋଇପାରିବ। ହୃଦ୍‌ରୋଗ, ସ୍ନାୟୁ ସହ ମଲ୍ଟି ସ୍ପେଶାଲିଟି ସ୍ୱାସ୍ଥ୍ୟ ଯତ୍ନ ସୁବିଧା ଉପଲବ୍ଧ ହେବ ବୋଲି କୁହାଯାଇଥିଲା। ଦୁଃଖର କଥା ହେଲା ଏହି ସୁବିଧାରୁ ଜଗତ୍‌ସିଂହପୁର ଜିଲାକୁ ବାଦ୍ ଦିଆଯାଇଥିଲା। ସରକାରଙ୍କ ଏହି ଘୋଷଣା ଉପରେ ସେତେବେଳେ ଜଗତ୍‌ସିଂହପୁର ପୌର ପରିଷଦ ସଭାଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକର ଆୟୋଜନ ହୋଇଥିଲା। କିନ୍ତୁ ଏହି ବୈଠକରେ ମଲ୍ଟି ନୁହେଁ, ସୁପର ସ୍ପେଶାଲିଟି ହସ୍ପିଟାଲ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏନେଇ ନାଉଗାଁ ଅଞ୍ଚଳରୁ ଏକ ସଙ୍ଗଠନ ପକ୍ଷରୁ ପଦଯାତ୍ରାର ଆୟୋଜନ କରାଯାଇଥିଲା। ବୈଠକ ନିଷ୍ପତ୍ତିକୁ ଜିଲାର ତତ୍କାଳୀନ ୪ ବିଧାୟକ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ, ଜଗତ୍‌ସିଂହପୁର ଏମ୍‌ପି ପ୍ରମୁଖ ସମର୍ଥନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି କି ତତ୍କାଳୀନ ବିଭାଗୀୟ ମନ୍ତ୍ରୀ ଜେନାଙ୍କ ଆଗରେ ବିଜେଡି ବିଧାୟକ ଓ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ସମେତ ଦଳୀୟ ନେତାମାନେ ଜଗତ୍‌ସିଂହପୁରକୁ ଏହି ତାଲିକାରେ ଯୋଡାଯାଉ ବୋଲି ଦାବି କରିଥିଲେ। ଜେନା ମଲ୍ଟି ଓ ସୁପର ସ୍ପେଶାଲିଟି ମଧ୍ୟରେ ପ୍ରଭେଦ ନ ବୁଝି ଗଣମାଧ୍ୟମରେ ଜଗତ୍‌ସିଂହପୁର ଜିଲାକୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଘୋଷଣା କରିଥିଲେ। ସେତେବେଳେ ଧରିତ୍ରୀ ଏହି ପ୍ରସଙ୍ଗକୁ ପ୍ରାଧାନ୍ୟ ଦେଇ ଜଗତ୍‌ସିଂହପୁରରେ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ହେଉ ବୋଲି ଯୁକ୍ତି ବାଢିଥିଲା। ପରବର୍ତ୍ତୀ ସମୟରେ ତତ୍କାଳୀନ ୪ ବିଧାୟକ, ଏମ୍‌ପି, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଏପରି କି ତତ୍କାଳୀନ ମନ୍ତ୍ରୀ ଜେନା ମଧ୍ୟ ଭୁଲ୍ ଯୁକ୍ତି ଉପରେ ପ୍ରତିଶ୍ରୁତି ଦେଇଥିବା କହି ନିଜ ବାକ୍ୟ ସଂଶୋଧନ କରିଥିଲେ। ଜେନା କହିଥିଲେ ଖୁବଶୀଘ୍ର ଅର୍ଥାତ୍ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାରେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ହେଲେ ଏ ପର୍ଯ୍ୟନ୍ତ କାହିଁକି ବିଜ୍ଞପ୍ତି ପ୍ରକାଶ ପାଇଲା ନାହିଁ । ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି, ନିର୍ବାଚନ ସମୟ ପାଖେଇ ଆସିଲେ ଏଭଳି ପ୍ରତିଶ୍ରୁତି ମିଳେ। ଏହା ସରକାରଙ୍କ କିପରି ପ୍ରତିବଦ୍ଧତା ତାହା ସହଜେ ଅନୁମେୟ। ଗତ ନିର୍ବାଚନରେ ଜଗତ୍‌ସିଂହପୁର ଜିଲାରେ ବିଜେଡିକୁ ଶତପ୍ରତିଶତ ସଫଳତା ମିଳିଛି। ଅର୍ଥାତ୍ ଲୋକେ ଏହି ଦଳର ୪ ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ବିଜୟୀ କରିଛନ୍ତି। ଏବେ ଏହି ନେତାମାନେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଜଗତ୍‌ସିଂହପୁରରେ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ ପାଇଁ ପଦକ୍ଷେପ ନିଅନ୍ତୁ। ନ ହେଲେ ଲୋକେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ କହିଛନ୍ତି।

## ସଂକ୍ଷେପରେ

### ଦାନ୍ତ ପାଇଁ ହାତୀ ଶିକାର: ଡିଏଫ୍‌ଓ

ଦେଶୀ ବନ୍ଧୁକ, ଗୁଳି ଜବତ: ୩ ଅଟକ



ସମ୍ବଲପୁର,୨୩।୬(ବ୍ୟୁରୋ): ସମ୍ବଲପୁର ବନଖଣ୍ଡ ପଡିଆବାହାଲ ରେଞ୍ଜ ଅନ୍ତର୍ଗତ ସାପଲହରା ଗ୍ରାମ ପୋଖରୀରେ ୬ଦିନ ମୃତ୍ୟୁ ସହ ସଂଗ୍ରାମ ପରେ ଚିକିତ୍ସାଧୀନ ଅବସ୍ଥାରେ ଗତ ମଙ୍ଗଳବାର ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ଦନ୍ତାକୁ ଗୁଳିକରି ଶିକାର କରାଯାଇଥିବା ସ୍ପଷ୍ଟ ହୋଇଛି। ଏହି ଘଟଣାରେ ବନ ବିଭାଗ ୩ ଶିକାରୀଙ୍କୁ ଅଟକ ରଖିଛି। ସେମାନଙ୍କଠାରୁ ଦେଶୀ ବନ୍ଧୁକ, ଗୁଳି, ଗୁଳି ତିଆରି ସାମଗ୍ରୀ, ଧନୁ, ତୀର, ଛୁରି, ଲୁହାଛଡ, ବିଦ୍ୟୁତ୍ ତାର ଜବତ ହୋଇଛି ବୋଲି ଡିଏଫ୍‌ଓ ଅଫିସରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବର ସୂଚନା ଦେଇଛନ୍ତି।

ସେ କହିଥିଲେ, ହାତୀ ମୃତ୍ୟୁ ପରେ ବ୍ୟବଚ୍ଛେଦ ହୋଇଥିଲା। ଆଗ ଗୋଡ ଉପରେ ପ୍ରାୟ ୪୦ ସିଏମ୍ ଭିତରକୁ ଗୁଳି ରହିଥିଲା। ଗୁଳିର ଦୈର୍ଘ୍ୟ ୪ ସେମି ଓ ପ୍ରସ୍ଥ ୨ ସେମି ରହିଥିଲା। ଗୁଳି ବାଜିଥିବାରୁ ଯେତେ ଚିକିତ୍ସା ପରେ ମଧ ହାତୀ ଚାଲିପାରୁ ନ ଥିଲା। ଶେଷରେ ତା'ର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ତେଣୁ ବନ ବିଭାଗ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିଲା। ଘଟଣାରେ ଏ ପର୍ଯ୍ୟନ୍ତ ୩ ଜଣଙ୍କୁ ଅଟକ ରଖାଯାଇଛି। ଏମାନଙ୍କ ମଧ୍ୟରୁ ଜଣଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଯାଇଛି। ଏହି ଘଟଣାକୁ ଗୁରୁତର ସହ ନେଇ ଚଢାଉ କରାଯାଉଛି। ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ଅଭିଯୁକ୍ତଙ୍କ ନାମ ଓ ଠିକଣା ଗୁପ୍ତ ରଖାଯାଇଛି। ସ୍ପଷ୍ଟ ହେବା ପରେ ସୂଚନା ଦିଆଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ମେ' ୨୯ରେ ଆହତ ଦନ୍ତାକୁ ମୁର୍ଗାବାରି ଗ୍ରାମ୍ୟ ଜଙ୍ଗଲରେ ବନ ବିଭାଗ ଠାବ କରିବା ପରେ ଜୁନ୍ ୨ରୁ ଚିକିତ୍ସା ଆରମ୍ଭ ହୋଇଥିଲା। ଓୟୁଏଟି ଓ ସମ୍ବଲପୁର ବୁର୍ଲାର ଚିକିତ୍ସକ ଦଳ ଚିକିତ୍ସା କରିଥିଲେ। ଦନ୍ତା ଗୋଡରେ ଗଭୀର କ୍ଷତ ରହିଥିଲା। ତାକୁ ଟ୍ରାଙ୍କୁଲାଇଜ କରି ଇଞ୍ଜେକ୍‌ଶନ ଓ ଔଷଧ ଦିଆଯାଇଥିଲା। ଏପରିସ୍ଥଳେ ସାପଲହରା ଗ୍ରାମ ପୋଖରୀରେ ଗତ ୧୫ତାରିଖରେ ହାତୀଟି ଫସି ରହିଥିଲା। ମୃତ୍ୟୁର ୩ଦିନ ପୂର୍ବରୁ ହାତୀ ଖାଇବା ଛାଡି ଦେଇଥିଲା। କେବଳ ସାଲାଇନ ଓ ଔଷଧ ଦିଆଯାଉଥିଲା। ଏପରି କି ସାତକୋଶିଆରୁ ଡାକ୍ତର ଦଳ ଆସି ଚିକିତ୍ସା କରିଥିଲେ। ହାତୀ ମୃତ୍ୟୁ ନେଇ ବନ ବିଭାଗର ଅବହେଳାକୁ ଦାୟୀ କରାଯାଇଥିଲା।

## ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ପୋଲିସ

କୁଜଙ୍ଗ, ୨୩।୬ (ଡି.ଏନ୍.ଏ.): ପାରାଦୀପ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଢିଙ୍କିଆ ଗ୍ରାମର ପ୍ରକଳ୍ପ ବିରୋଧୀ ନେତା ଦେବେନ୍ଦ୍ର ସ୍ୱାଇଁ ଜେଲରେ ରହି ବଟି ଆଦାୟପାଇଁ ଧମକଦେବା ଅଭିଯୋଗର ତଦନ୍ତ ନିମନ୍ତେ ପାରାଦୀପ ଆଦର୍ଶ ଥାନା ପୋଲିସ ଗୁରୁବାର ତାଙ୍କୁ ଦିନିକିଆ ରିମାଣ୍ଡରେ ନେଇଛି। ଏନେଇ ପାରାଦୀପ ଥାନା ପକ୍ଷରୁ କୁଜଙ୍ଗ ଅଦାଲତରେ ଅନୁରୋଧ କରାଯାଇଥିଲା। କୁଜଙ୍ଗସ୍ଥିତ ସମାଗୋଳ ଉପକାରାଗାରରେ ଥିବା ଦେବେନ୍ଦ୍ର ମେ' ୩୧ରେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଝିମାଣି ଗ୍ରାମର ଆଶୁତୋଷ ସ୍ୱାଇଁ ଓରଫ ବାବଙ୍କୁ ଫୋନ କରି ୨ ଲକ୍ଷ ଟଙ୍କା ବଟି ମାଗିଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ପଚରାଉଚୁରା ନିମନ୍ତେ ଦେବେନ୍ଦ୍ରଙ୍କୁ ରିମାଣ୍ଡରେ ଅଣାଯାଇଥିବା ଥାନା ଅଧିକାରୀ ଶୁଭଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି। ଅପରପକ୍ଷେ ଦେବେନ୍ଦ୍ରଙ୍କ ଓକିଲ ବିଚିତ୍ରାନନ୍ଦ ସେଣ କହିଛନ୍ତି, ବାବଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ଏ ସମ୍ପର୍କରେ ଥାନା ଆଇଆଇସି ପୂଜାରୀ କହିଛନ୍ତି,ବଟି ମାଗିବା ଅଭିଯୋଗ ଉପରେ ତଦନ୍ତ ଚାଲିଛି।



ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ପକ୍ଷରୁ ଗଇଠିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦିଆଯାଇଛି।

## ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା

- ସରକାରୀ ପ୍ରାଥମିକ ବିଦ୍ୟାଳୟର ମିଶ୍ରଣକୁ ବିରୋଧ
- ଶିକ୍ଷୟିତ୍ରୀ, ଏବିଇଓଙ୍କୁ ଅଟକ ରଖିଲେ ଗ୍ରାମବାସୀ

ତିର୍ତ୍ତୋଲ, ୨୩।୬ (ଡି.ଏନ.ଏ.)

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅଧୀନ କନିମୁଳ ପଞ୍ଚାୟତ ଗଇଠିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟ ସ୍କୁଲ ସହ ମିଶ୍ରଣ ଓ ଶିକ୍ଷୟିତ୍ରୀଙ୍କ ବଦଳିକୁ ଗୁରୁବାର ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ବିରୋଧ କରିଛନ୍ତି। ପ୍ରତିବାଦରେରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦିଆଯାଇଥିଲା। ଏଥିସହ ବିଦ୍ୟାଳୟରେ କାର୍ଯ୍ୟରତ ଏକମାତ୍ର ଶିକ୍ଷୟିତ୍ରୀ ଅଞ୍ଜନା କୁମାରୀ ସ୍ୱାଇଁଙ୍କୁ ସେମାନେ ଅଟକ ରଖିଥିଲେ। ଖବରପାଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ଏବିଇଓ) ବାସନ୍ତୀ ସେଠୀ ଘଟଣାସ୍ଥଳକୁ ଯାଇଥିଲେ। ତାଙ୍କୁ ମଧ ଗ୍ରାମବାସୀ ଛାଡି ନ ଥିଲେ। ଏହାପରେ ବିଡିଓ ଅଟଳ ବିହାରୀ ସ୍ୱାଇଁ ଏବଂ ବ୍ଲକ ଶିକ୍ଷାଧିକାରୀ ଅନନ୍ତ କୁମାର ଭୂୟାଁ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ରାତି ପ୍ରାୟ ୮ଟା ବେଳେ ସ୍କୁଲ ମିଶ୍ରଣ ଓ ଶିକ୍ଷୟିତ୍ରୀଙ୍କ ବଦଳି ନିଷ୍ପତ୍ତି ସାମୟିକ ଭାବେ ବନ୍ଦ କରାଗଲା ବୋଲି ଘୋଷଣା ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଥିସହ ଅଟକ ଶିକ୍ଷୟିତ୍ରୀ ସ୍ୱାଇଁ ଏବଂ ଏବିଇଓ ସେଠୀଙ୍କୁ ଛାଡ଼ି ଦିଆଯାଇଥିଲା।

ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି ବିଦ୍ୟାଳୟରେ ଆବଶ୍ୟକ ଉପସ୍ଥାନ ନ ଥିବା ଦର୍ଶାଇ ବ୍ଲକ ଶିକ୍ଷାଧିକାରୀ ଏହାକୁ ଅନ୍ୟତ୍ର ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରି ଜିଲାପାଳ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଗୁରୁବାର ଶିକ୍ଷୟିତ୍ରୀ ସ୍ୱାଇଁ ଏଠାରୁ ରିଲିଫ ହୋଇ ଅନ୍ୟ ବିଦ୍ୟାଳୟକୁ ଯିବା ନିମନ୍ତେ ଆସିଥିଲେ। ଏହି ସମୟରେ ଅଭିଭାବକ, ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଏସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଭୂୟାଁ କହିଛନ୍ତି, ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଶିକ୍ଷୟତ୍ରୀଙ୍କ ବଦଳି ଓ ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟା ବାତିଲ କରାଯାଇଛି। ପରବର୍ତ୍ତୀ ନିଷ୍ପତ୍ତି ପରେ ଏନେଇ ପଦକ୍ଷେପ ନିଆଯିବ।

## ଦେବୀ ନଦୀରେ ବୁଡ଼ି ଛାତ୍ର ନିଖୋଜ: ଜଣେ ଗୁରୁତର

ନାଉଗାଁ,୨୩।୬(ସ୍ୱ.ପ୍ର)

ନାଉଗାଁ ବ୍ଲକ ଅନ୍ତର୍ଗତ ଗାରୋଇ ନିକଟସ୍ଥ ଦେବୀ ନଦୀରେ ଗୁରୁବାର ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଗାରୋଇ ଗ୍ରାମର ନିରଞ୍ଜନ ବିଶ୍ୱାଳଙ୍କ ପୁତ୍ର ବିଶ୍ୱନାଥ। ସେ ପୁରୀ ଜିଲା କାକଟପୁର ମଙ୍ଗଳା ମହାବିଦ୍ୟାଳୟର ଯୁକ୍ତ ୨ ଶେଷ ବର୍ଷର ପରୀକ୍ଷା ଦେଇଥିଲେ। ବିଶ୍ୱନାଥ ଗୁରୁବାର ଗ୍ରାମର ସାଙ୍ଗମାନଙ୍କ ସହ ନିକଟସ୍ଥ ଦେବୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ତାଙ୍କ ଗୋଡ ନଦୀ ମଧ୍ୟକୁ ଖସି ଯାଇଥିଲା। ସେ ଭାସି ଯାଉଥିବା ଦେଖି ସାଙ୍ଗରେ ଥିବା ଚିରଞ୍ଜୀବ ବିଶ୍ୱାଳ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଗଭୀର ପାଣିକୁ ଚାଲିଯାଇଥିଲେ। ସେମାନଙ୍କ ସାଥିରେ ଯାଇଥିବା ସଞ୍ଜୀବ ବିଶ୍ୱାଳ ଉଭୟଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରି କେବଳ ଚିରଞ୍ଜୀବଙ୍କୁ କୂଳକୁ ଆଣିବାକୁ ସକ୍ଷମ ହୋଇଥିଲେ। ତେବେ ସଞ୍ଜୀବ ନଦୀରେ ପାଣି ପିଇ ଯିବାରୁ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ନିଖୋଜ ଥିବା ବିଶ୍ୱନାଥଙ୍କୁ ନାଉଗାଁ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜା ଚାଲିଛି। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିପାରି ନାହିଁ।

## ସଭାପତି ହେଲେ ପୁରୁଷୋତ୍ତମ, ଦିବାକର

**ଦେସାହି, ଭୂଇଁପୁର କୃଷି ସମବାୟ ସମିତି ନିର୍ବାଚନ**

ଆଳି,୨୩।୬(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ଦେସାହି ଓ ଭୂଇଁପୁର ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ର ସଭାପତି ଭାବେ ପୁରୁଷୋତ୍ତମ ପଲାଇ ଓ ଦିବାକର ପଣ୍ଡା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗୁରୁବାର ସଭାପତି ପଦବୀ ନିମନ୍ତେ ଦେସାହି ଓ ଭୂଇଁପୁର ପାକ୍ସରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଦେସାହି ସମବାୟ ସମିତି ପକ୍ଷରୁ ପୁରୁଷୋତ୍ତମଙ୍କ ବ୍ୟତୀତ ଅନ୍ୟ କେହି ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନ ଥିବାରୁ ନିର୍ବାଚନ ଅଧିକାରୀ କୁଞ୍ଜ ବିହାରୀ ବେହେରା ତାଙ୍କୁ ସଭାପତି ଭାବେ ଘୋଷଣା କରିଥିଲେ। ଗତ ୩୦ ତାରିଖରେ ଏହି ସମିତି ଅଧୀନରେ ଥିବା ୧୫ ଟି ଜୋନରୁ ୧୫ ଜଣ ନିର୍ଦ୍ଦେଶକ ନାମାଙ୍କନ ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେମାନେ ହେଲେ ୧ ନଂ. ଜୋନରୁ ରାଜକିଶୋର ସୁତାର, ୨ନଂ.ର ଆଲୋକ ସାମଲ, ୩ନଂ. ଜୋନର ବିକ୍ରମ ଦାସ, ୪ନଂ. ଜୋନର ପ୍ରଶାନ୍ତ ସାମଲ, ୫ନଂ. ଜୋନର ଅନିତା ନାୟକ, ୬ ନଂ. ଜୋନର ସାବିତ୍ରୀ ପଲାଇ, ୭ ନଂ. ଜୋନର କନକଲତା ସେଠୀ, ୮ନଂ. ଜୋନର ପ୍ରମିଳା ସେଠୀ, ୯ନଂ. ଜୋନର ଜଗବନ୍ଧୁ ଦାସ, ୧୦ ନଂ. ଜୋନର କ୍ରିଷ୍ଣାରାଣୀ ଦାସ, ୧୧ ନଂ. ଜୋନର ରବୀନ୍ଦ୍ର ଜେନା, ୧୨ ନଂ. ଜୋନର ବିଜୟ ଜେନା,୧୩ ନଂ. ଜୋନର କାର୍ତ୍ତିକ ସେଠୀ, ୧୪ ନଂ. ଜୋନର ପୁରୁଷୋତ୍ତମ ପଲାଇ ଓ ୧୫ ନଂ. ଜୋନର ନାରାୟଣ ଜେନା ବୋଲି ନିର୍ବାଚନ ଅଧିକାରୀ ବେହେରା ସୂଚନା ଦେଇଛନ୍ତି। ଏହି ନିର୍ବାଚନ କାର୍ଯ୍ୟକ୍ରମ ପରିଚାଳନାରେ ସମିତି ସମ୍ପାଦକ ଅଶ୍ୱିନୀ ବେହୁରିଆ ସହଯୋଗ କରିଥିଲେ। ସେହିପରି ଭୂଇଁପୁର ପାକ୍ସରେ ଦିବାକର ପଣ୍ଡାଙ୍କ ବ୍ୟତୀତ ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନ ଥିଲେ। ତେଣୁ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ପ୍ରଧାନ ଦିବାକରଙ୍କୁ ସଭାପତି ଭାବେ ଘୋଷଣା କରିଛନ୍ତି। ଗତ ୩୦ ତାରିଖରେ ଏହି ସମିତି ଅଧୀନରେ ଥିବା ୧୫ ଟି ଜୋନରୁ ୧୦ ଟି ଜୋନର ନିର୍ଦ୍ଦେଶକ ପଦବୀରେ ନାମାଙ୍କନ ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ଅଭିରାମ ଜେନା, ଶ୍ରୀଧର ସାମଲ, ଅଲେଖ ଚନ୍ଦ୍ର ରାଉତ, ଅଞ୍ଜନା ନାଥ, ସୁଲୋଚନା ମଲିକ, କବିତା ପଣ୍ଡା, ଅନ୍ନପୂର୍ଣ୍ଣା ସାହୁ, ଉତ୍ତମା କୁମାରୀ ନାଥ, ପ୍ରିୟବ୍ରତ ପାତ୍ର ବୋଲି ନିର୍ବାଚନ ଅଧିକାରୀ ପ୍ରଧାନ ସୂଚନା ଦେଇଛନ୍ତି। ସଭାପତି ହେବା ପରେ ପଣ୍ଡାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ନିର୍ବାଚନରେ ସମିତିର ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ଓ ସହସମ୍ପାଦକ ନିରଞ୍ଜନ ଦୀକ୍ଷିତ ସହଯୋଗ କରିଥିଲେ।



ନିର୍ବାଚିତ ସଭାପତିଙ୍କୁ ପ୍ରମାଣପତ୍ର ଦିଆଯାଉଛି।



ନାଉଗାଁ ଉପ-ଡାକଘର ସମ୍ମୁଖରେ କଂଗ୍ରେସ କର୍ମୀମାନେ ଗଣବିକ୍ଷୋଭ କରୁଛନ୍ତି।

## ନାଉଗାଁ ଉପ-ଡାକଘର ସମ୍ମୁଖରେ କଂଗ୍ରେସର ଗଣବିକ୍ଷୋଭ

ନାଉଗାଁ,୨୩।୬(ସ୍ୱ.ପ୍ର.)

କେନ୍ଦ୍ରର ମୋଦି ସରକାରର ଏକଛତ୍ରବାଦ ନିତି ଏବଂ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ମିଥ୍ୟା ମାମଲାରେ ଫସାଇବା ପ୍ରତିବାଦରେ ଗୁରୁବାର ନାଉଗାଁ ବ୍ଲକ କଂଗ୍ରେସ ପକ୍ଷରୁ ଏକ ପ୍ରତିବାଦ ସଭା ଓ ଗଣ ବିକ୍ଷୋଭ ଉପ-ଡାକଘର ସମ୍ମୁଖରେ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରା ଏହାର ନେତୃତ୍ୱ ନେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଚିତ୍ରା ନନ୍ଦ ଲେଙ୍କା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବେଣୁଧର ସ୍ୱାଇଁ, ସଚ୍ଚିଦାନନ୍ଦ ପରିଡା,ବିନୟ ଭୂଷଣ ମହାପାତ୍ର ,ଅନିଲ କୁମାର ଲେଙ୍କା ପ୍ରମୁଖ ଏଥିରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ।

## ଅସରାଏ ବର୍ଷାରେ ତାରପୁର ବାଇପାସ ରାସ୍ତା ବେହାଲ

- ଜଳ ନିଷ୍କାସନ ପଥ ଅବରୋଧ
- ରାସ୍ତା ପାର୍ଶ୍ୱରେ ଗଦା ହୋଇଛି ବାଲି

ରଘୁନାଥପୁର,୨୩।୬(ଡି.ଏନ୍.ଏ.)

ଅସରାଏ ବର୍ଷାରେ ରଘୁନାଥପୁର ବ୍ଲକ ତାରପୁର ବାଇପାସ ରାସ୍ତାର ଅବସ୍ଥା ବେହାଲ ହୋଇଯାଉଛି। କିଛି ବ୍ୟବସାୟୀ ସରକାରୀ ଜମିକୁ ମାଡିବସି ଜଳ ନିଷ୍କାସନ ପଥକୁ ସଙ୍କୁଚିତ କରିଦେଇଥିବାରୁ, ଆବଶ୍ୟକ ସମୟରେ ବର୍ଷାଜଳ ନିଷ୍କାସିତ ହୋଇପାରୁ ନାହିଁ। ଫଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏହାଛଡା ପୂର୍ତ୍ତ ଓ ଗୃହ ବିଭାଗ ଅଧୀନରେ ଥିବା ସର୍ବସାଧାରଣ ରାସ୍ତା ପାର୍ଶରେ ଜନୈକ ବ୍ୟବସାୟୀ ଦୀର୍ଘଦିନ ଧରି ବିପୁଳ ପରିମାଣରେ ବାଲି ଗଦା କରି ରଖିଥିବାରୁ ଜଳ ନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଫଳରେ ଦୈନନ୍ଦିନ ଏହି ବାଇପାସ ରାସ୍ତା ଦେଇ କଟକ, କେନ୍ଦ୍ରାପଡା, ଯାଜପୁର ଓ ଜଗତସିଂହପୁର ଜିଲାକୁ ଯାଉଥିବା ହଜାର ସଂଖ୍ୟକ ଲୋକେ ପାଣିରେ ପଶି ଯିବାକୁ ବାଧ ହେଉଛନ୍ତି। ଏପରିକି ଜମିରହିଥିବା ପାଣି ଭିତରେ ରାସ୍ତାର ସ୍ଥିତି ଜାଣିନପାରି ଅନେକ ବାଇକ ଚାଳକ ଦୁର୍ଘଟଣାରେ ସମ୍ମୁଖୀନ ହେଉଛନ୍ତି। ଆଗାମୀ ଦିନରେ ଲଗାଣ ବର୍ଷା ହେଲେ ବାଇପାସର ଅବସ୍ଥା ସଙ୍ଗିନ ହୋଇପଡିବ। ଦୋକାନ ବଜାର ସହ ବାଇପାସକୁ ଲାଗି ରହିଥିବା ୧ନଂ ୱାର୍ଡ ମଧ୍ୟ ଜଳାର୍ଣ୍ଣବ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦେଇ ହେବନି। ଏଣୁ ଜଳ ନିଷ୍କାସନ ପଥକୁ ମୁକ୍ତ କରିବା ସହ ଗଦାହୋଇ ରହିଥିବା ବାଲିକୁ ତୁରନ୍ତ ହଟାଇବା ନିମନ୍ତେ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଜିଲାପାଳ ଓ ଆରଡିସିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏନେଇ ପଦକ୍ଷେପ ନିଆନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।



ବର୍ଷା ପରେ ରାସ୍ତାରେ ପାଣି ଜମିଛି।

## ୫ ବର୍ଷରେ ୪,୫୮୧ ନାମ ପଞ୍ଜୀକରଣ: ନିଯୁକ୍ତି ଶୂନ

- ପାରାଦୀପର ସ୍ୱତନ୍ତ୍ର କର୍ମ ନିୟୋଜନ କାର୍ଯ୍ୟାଳୟ
- ନାମକୁମାତ୍ର ହେଉଛି ନିଯୁକ୍ତି ମେଳା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ
- ବିଭାଗ ପାଖରେ ଶିଳ୍ପ ସଂସ୍ଥା କର୍ମଚାରୀଙ୍କ ତଥ୍ୟ ନାହିଁ



ପାରାଦୀପ,୨୨।୬ (ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ପାରାଦୀପ ବନ୍ଦର ସହରରେ ଅଛି ୧୫ଟି ବୃହତ୍ ଶିଳ୍ପ। ଏହା ବ୍ୟତୀତ ଶତାଧିକ କ୍ଷୁଦ୍ରଶିଳ୍ପ, ଠିକା ସଂସ୍ଥା, ପାରାଦୀପ ବନ୍ଦର, ଭାରତୀୟ ତୈଳ ନିଗମର ତୈଳ ବିଶୋଧନାଗାର ଆଦି ରହିଛି। କିନ୍ତୁ ନିଯୁକ୍ତି ସୁଯୋଗ ପାରାଦୀପରେ ଗତ ୫ ବର୍ଷ ମଧ୍ୟରେ ଆଦୌ ନାହିଁ ବୋଲି ସରକାରୀ ଭାବେ ଜଣାପଡିଛି। ପାରାଦୀପରେ ରହିଛି ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର କର୍ମ ନିୟୋଜନ କାର୍ଯ୍ୟାଳୟ। ଏହି ସରକାରୀ କାର୍ଯ୍ୟାଳୟ ସୀମା ମଧ୍ୟରେ ପାରାଦୀପ ପୌରାଞ୍ଚଳ, କୁଜଙ୍ଗ, ଏରସମା ଓ ତିର୍ତ୍ତୋଲ ବ୍ଲକ ରହିଛି। ଏହିସବୁ ଅଞ୍ଚଳର ବେକାର ଯୁବତୀଯୁବକମାନେ ନିଯୁକ୍ତି ନିମନ୍ତେ ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିଥା'ନ୍ତି। ଉକ୍ତ କାର୍ଯ୍ୟାଳୟର ରିପୋର୍ଟ ଅନୁସାରେ ଗତ ୫ ବର୍ଷରେ ଏଠାରେ ୪,୫୮୧ ଜଣ ନାମ ପଞ୍ଜୀକରଣ କରିଛନ୍ତି। ୨୦୧୭ରେ ୧,୫୮୩, ୨୦୧୮ରେ ୧,୨୧୮, ୨୦୧୯ରେ ୯୯୫, ୨୦୨୦ରେ ୩୦୭, ୨୦୨୧ରେ ୩୫୪ ଓ ୨୦୨୨ ଜୁନ ୧୮ ସୁଦ୍ଧା ୧୨୪ ଜଣ ନାମ ପଞ୍ଜୀକରଣ କରିଛନ୍ତି।

ଓଆରଭି (ଓଡ଼ିଶା ରିଜର୍ଭେଶନ ଭାକାନ୍ସି) ଆଇନ ୧୯୫୯ ଅନୁଯାୟୀ ପ୍ରତ୍ୟେକ ଶିଳ୍ପ ସଂସ୍ଥା ଓ ସରକାରୀ ଉଦ୍ୟୋଗ ତାଙ୍କର ନିଯୁକ୍ତି ବେଳେ ନିୟୋଜନ କାର୍ଯ୍ୟାଳୟକୁ ଆବେଦନ କରିବା କଥା। ନିଯୁକ୍ତି କ୍ଷେତ୍ରରେ ୧ମରୁ ୪ର୍ଥ ଶ୍ରେଣୀ କର୍ମଚାରୀ ନିୟୋଜନ ପାଇଁ ପ୍ରତିଶତ ଧାର୍ଯ୍ୟ କରାଯାଇଛି। ଯେମିତି ତୃତୀୟ, ଚତୁର୍ଥ ଶ୍ରେଣୀ କର୍ମଚାରୀ କ୍ଷେତ୍ରରେ ୯୦%, ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ପଦବୀ ପାଇଁ ସେମିତି ନିୟମ ରହିଛି। କିନ୍ତୁ ଉକ୍ତ ନିୟମ କେବେ କାର୍ଯ୍ୟକାରୀ ହେବାର ଦୃଷ୍ଟାନ୍ତ ନାହିଁ ବୋଲି ଅଭିଯୋଗ ହୁଏ। ଏତଦ୍‌ବ୍ୟତୀତ କେଉଁ ଶିଳ୍ପ ସଂସ୍ଥାର କେତେ କର୍ମଚାରୀ ଅଛନ୍ତି, ତା'ର ସବିଶେଷ ବିବରଣୀ ପ୍ରତିବର୍ଷ ଉକ୍ତ ବିଭାଗ ପାଖରେ ସୂଚନା ଦେବା କଥା। ତା'ମଧ୍ୟ ହେଉ ନ ଥିବା ଜଣାପଡ଼ିଛି।

ପାରାଦୀପର ଯେତେବେଳେ କେଉଁଠି ନିଯୁକ୍ତି ସୁଯୋଗ ସୃଷ୍ଟି ହୁଏ, ସେତେବେଳେ ତଥାକଥିତ ରାଜନେତା, ଶ୍ରମିକ ନେତା ଆବଶ୍ୟକ ପଡ଼ନ୍ତି। ଯେଉଁ ନେତାଙ୍କ ପତିଆରା ଅଧିକ ତାଙ୍କ ପିଲା ନିଯୁକ୍ତି କ୍ଷେତ୍ରରେ ଅଧିକ ସୁଯୋଗ ପାଇଥା'ନ୍ତି। ଏହାର ସୁଯୋଗ ନେଇ କେତେଜଣ ନେତାଙ୍କ ଅନୁଗତମାନେ ଚାକିରି ନାମରେ ଅର୍ଥ ଆଦାୟ କରୁଛନ୍ତି। ଏହା ସତ୍ତ୍ୱେ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ସେପରି କୌଣସି ପଦକ୍ଷେପ ନିଆଯାଉ ନାହିଁ। କୌତୂହଳ କଥା, ଉକ୍ତ ବିଭାଗର କର୍ମଚାରୀ, ତାଙ୍କ ସନ୍ତାନ ଓ ଆତ୍ମୀୟଙ୍କ ନିଯୁକ୍ତି ପାଇଁ ଏହି ନେତାଙ୍କ ପଛରେ ଦୌଡୁଛନ୍ତି। ଅପରପକ୍ଷେ ପ୍ରଶାସନ ବେଳେବେଳେ କିଛି ସ୍ଥାନରେ ନିଯୁକ୍ତି ମେଳା କରୁଛନ୍ତି। ଏହାବାଦ୍ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମଧ୍ୟ ହେଉଛି। ସେସବୁ କେବଳ ନାମକୁମାତ୍ର ବୋଲି ଦେବୀପ୍ରସାଦ ସାହୁ ନାମକ ଜଣେ ଯୁବକ କହିଛନ୍ତି। ଏ ସମ୍ପର୍କରେ ଜିଲା ନିୟୋଜନ ଅଧିକାରୀ ତାପସ ସ୍ୱାଇଁଙ୍କୁ ପଚାରିବାରେ ନିୟମ ତ ଅନେକ ଅଛି, କିନ୍ତୁ ବ୍ୟବସ୍ଥା ବଦଳି ଯାଇଛି; ଯେଉଁଥିପାଇଁ ନିଯୁକ୍ତି ମିଶନ କାର୍ଯ୍ୟକାରୀ ହୋଇପାରୁନି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ୨ ଚାଷୀଙ୍କ ସମେତ ୩ ମୃତ

ଆସିକା/ ଖଲ୍ଲିକୋଟ/ ପାରଳାଖେମୁଣ୍ଡି,୨୩।୬ (ଡି.ଏନ୍.ଏ.): ଗଞ୍ଜାମ ଓ ଗଜପତି ଜିଲାରେ ଗୁରୁବାର ହୋଇଥିବା ବଜ୍ରପାତରେ ୨ ଚାଷୀଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ଗଞ୍ଜାମ ଜିଲା ଆସିକା ଥାନା ହରିଡ଼ାପଦର ପଞ୍ଚାୟତ ଭେଙ୍କଟରାଇପଲ୍ଲୀ ଗ୍ରାମର ଦେବେନ୍ଦ୍ର ମହାନ୍ତି ଓ ସୁରେନ୍ଦ୍ର ସ୍ୱାଇଁ ଅପରାହ୍ଣରେ ବାଘୁଆ ନଦୀ ସଂଲଗ୍ନ ବିଲରେ ଧାନ ତଳି ପକାଇବାକୁ ଯାଇଥିଲେ। ସେ ସମୟରେ ବଜ୍ରପାତ ହେବାରୁ ଉଭୟେ ଗୁରୁତର ହୋଇ ପଡ଼ିଥିଲେ। ନିକଟସ୍ଥ ବିଲରେ ଥିବା ଲୋକେ ସେମାନଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଦେବେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୁରେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଦେବେନ୍ଦ୍ରଙ୍କ ସ୍ତ୍ରୀଙ୍କ ଅଭିଯୋଗ ପ୍ରକାରେ ଆସିକା ଥାନାରେ ନଂ.୧୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ସେହିପରି ଖଲ୍ଲିକୋଟ ଥାନା ଚିକିଲି ଗ୍ରାମର ଜୟରାମ ଗୌଡ ଗାଈ ଚରାଇବାକୁ ଯାଇଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଛି। କଞ୍ଚଣା ଗ୍ରାମର ସୁମତି ସାହୁ ବାରିରେ କାମ କରୁଥିବା ବେଳେ ବଜ୍ରପାତରେ ଆହତ ହୋଇଛନ୍ତି। ବିଏନପୁର ପଞ୍ଚାୟତ ରଘୁନାଥପୁର ଗ୍ରାମରେ ଏନ୍. ପିତାମ୍ବର ପାତ୍ର ଓ ଏସ. ରଘୁ ପାତ୍ର ଛେଳି ଚରାଇବାକୁ ଯାଇଥିବା ବେଳେ ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ଖଲ୍ଲିକୋଟ ମେଡିକାଲ ଚିକିତ୍ସିତ ହେଉଛନ୍ତି। ରଘୁନାଥପୁରରେ ୧୦ରୁ ଊର୍ଦ୍ଧ୍ୱ ଛେଳିଙ୍କ ମୃତ୍ୟୁ ଘଟିଛି। ସେହିପରି ଗଜପତି ଜିଲା ଗୋଷାଣୀ ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ତାଟିପେଟି ଗ୍ରାମର ଚାଷୀ ଡ. ରାମଣାଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ଜମିରେ ଧାନ ବିହନ ବୁଣୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଗରିବ ଶ୍ରେଣୀର ରାମଣାଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ଦାବି ହେଉଛି। ସୂଚନାଯୋଗ୍ୟ, ଜିଲାରେ ଗତ କିଛି ଦିନ ମଧ୍ୟରେ ବଜ୍ରପାତରେ କେତେକ ଗାଈଗୋରୁଙ୍କ ମଧ୍ୟ ମୃତ୍ୟୁ ଘଟିଛି।

### ୨ ବୋଲେରୋ ଜବତ, ଜଣେ ଗିରଫ

କେନ୍ଦୁଝର, ୨୩।୬ (ସ୍ୱ.ପ୍ର.)

କେନ୍ଦୁଝର ଟାଉନ ଥାନା ଅଞ୍ଚଳରେ ଚୋରି ହୋଇଥିବା ୨ ବୋଲେରୋକୁ ପୋଲିସ ଜବତ କରିବା ସହ ଏହି ଘଟଣାରେ ଜଡିତ ଜଣେ ଚୋରକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭଉଦିନ ଖାନ(୨୯)। ତାଙ୍କ ଘର ଭଦ୍ରକ ଜିଲା ପୁରୁଣା ବଜାର ନନଘାମହାଲ ଗ୍ରାମରେ। ପ୍ରକାଶ ଯେ ୨୦୨୦-୨୧ ଏବଂ ୨୦୨୧-୨୨ ମସିହାରେ ଭଉଦିନ ଏବଂ ତାଙ୍କ ଗ୍ୟାଙ୍ଗରେ ସାମିଲ ଥିବା ଅନ୍ୟମାନେ କେନ୍ଦୁଝର, ଯାଜପୁର ଏବଂ ଅନ୍ୟ ଜିଲାରେ ବହୁ ବାଇକ୍ ଏବଂ ବୋଲେରୋ ଚୋରି କରିଥିବା ସ୍ୱୀକାର କରିଛନ୍ତି। ଭଉଦିନଙ୍କର ଭଦ୍ରକରେ ଗ୍ୟାରେଜ ଥିବାରୁ ଗାଡି ଚୋରୀ ପରେ ଏହାର ପାର୍ଟସ ଖଣ୍ଡ ଖଣ୍ଡ କରି ବିକ୍ରୀ କରିବା ସହ ଗାଡ଼ିର ଚେଚିସ ନମ୍ବର ଟାମ୍ପରିଂ କରୁଥିବା ସ୍ୱୀକାର କରିଛନ୍ତି। ଚୋରି ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବବୋଲି ଟାଉନ ଥାନା ଅଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି।

# ସେତୁ ନାହିଁ: ୧୫ କି.ମି. ବୁଲୁଛନ୍ତି ୨୫ ଗ୍ରାମବାସୀ

- ୮ ବର୍ଷ ଧରି ନିର୍ମାଣ ଚାଲିଛି ତନ୍ତିଆପାଳ ସେତୁ
- ଗହୀରମଥାକୁ ଯାଇ ପାରୁନାହାନ୍ତି ଭିତରକନିକା ପର୍ଯ୍ୟଟକ

କେନ୍ଦ୍ରାପଡ଼ା ଅଫିସ, ୨୩।୬

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ହଂସୁଆ ନଦୀର ତନ୍ତିଆପାଳଠାରେ ଥିବା ପୋଲ ୨୦୧୪ ମାର୍ଚ୍ଚ ୩ରେ ଭୁଶୁଡ଼ି ପଡିଥିଲା। ସେହିବର୍ଷ ଜୁଲାଇରେ ଟେଣ୍ଡର ହୋଇ ସେତୁ ନିର୍ମାଣ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ଏହି ନିର୍ମାଣ ଆରମ୍ଭକୁ ୮ବର୍ଷ ବିତିଛି। ତେବେ ସେତୁ ନିର୍ମାଣ ଅଦ୍ୟାବଧି ସରିନାହିଁ। ଫଳରେ ଭିତରକନିକା ପର୍ଯ୍ୟଟକ ଗହୀରମଥା ଅଞ୍ଚଳକୁ ଯାଉ ନ ଥିବା ବେଳେ ଆଖପାଖର ୨୫ ଗ୍ରାମବାସୀ ଏହି ସେତୁ ପାଇଁ ପ୍ରାୟ ୧୫ କିଲୋମିଟର ବୁଲି ଯାଉଛନ୍ତି। ତୁରନ୍ତ ଏହି ସେତୁ ନିର୍ମାଣ ସାରିବାକୁ ଗହୀରମଥା କଇଁଛ ସଂରକ୍ଷଣ ସମିତି ପକ୍ଷରୁ ଦାବି ହୋଇଛି। ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗୁରୁବାର ପ୍ରଦାନ କରାଯାଇଛି।

ମହାକାଳପଡ଼ା ବ୍ଲକସ୍ଥ ମରିଚାପଲ୍ଲୀ ଗ୍ରାମର ସାମାଜିକ କର୍ମୀ ପ୍ରମିଳା ମଲ୍ଲିକ କହିଛନ୍ତି, କୁମ୍ଭୀର ଆତଯାତ କରୁଥିବା ହଂସୁଆ ନଦୀ ଉପରେ ୧୦୦ ଫୁଟର ଲୁହା ପୋଲ ୪୨ ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା। ପୋଲ ନିର୍ମାଣ ଫଳରେ ରାଜନଗର ଓ ମହାକାଳପଡ଼ା ବ୍ଲକ ମଧ୍ୟରେ ଯୋଗାଯୋଗ ସମ୍ଭବ ହେଉଥିଲା। ୮ ବର୍ଷ ପୂର୍ବେ ଏକ ପଥର ବୋଝେଇ ଟ୍ରକ ଯାଉଥିବା ବେଳେ ପୋଲଟି ଭୁଶୁଡ଼ି ପଡିଥିଲା। ଲୁହା ପୋଲର ରକ୍ଷଣାବେକ୍ଷଣ ନ ଥିବାରୁ କଳଙ୍କି ଲାଗି ଭାଙ୍ଗି ପଡିଥିବା ଜଣାପଡିଥିଲା। ଏହି ଘଟଣାରେ କୌଣସି ଲୋକ ମୃତାହତ ହୋଇ ନ ଥିବା ବେଳେ ଲୋକଙ୍କ ଯାତାୟାତ ପଥ ବନ୍ଦ ହୋଇଯାଇଛି। ସମିତି ସମ୍ପାଦକ ହେମନ୍ତ କୁମାର ରାଉତ କହିଛନ୍ତି, ଏହି ପୋଲ ଭିତରକନିକା ଓ ଗହୀରମଥାର ସଂଯୋଗୀ ରାସ୍ତା ଥିଲା। ଭିତରକନିକାକୁ ଆସୁଥିବା ପର୍ଯ୍ୟଟକ ଗହୀରମଥା ଅଞ୍ଚଳର ବରୁଣେଇ ଦ୍ୱୀପ, ହେନ୍ତାଳ ବଣ, ଅଗରନାସୀ, ଗହୀରମଥାର ଅନ୍ୟ କଇଁଛ ପ୍ରଜନନ ସ୍ଥଳ ବୁଲି ଦେଖୁଥିଲେ। ପୋଲ ଭାଙ୍ଗିବା ପରେ ପର୍ଯ୍ୟଟକ ଗହୀରମଥା ଅଞ୍ଚଳକୁ ଆସିବା ବନ୍ଦ କରି ଦେଇଛନ୍ତି। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଦେଖିବାରୁ ପର୍ଯ୍ୟଟକ ବଞ୍ଚିତ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଅର୍ଥନୀତି ବିଗିଡି ଯାଇଛି। ପୂର୍ବତନ ସରପଞ୍ଚ ଦିଲୀପ ରାଉତ କହିଛନ୍ତି,



ଭାଙ୍ଗିକି ପଡିଥିବା ତନ୍ତିଆପାଳ ଲଉହା ସେତୁ ।

ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପ୍ରଭାବିତ କରିଛି। ସୁନୀତି, ଜମ୍ବୁ, ଗୋଗୁଆ, ବିଜୟନଗର, କୋଇଲିପୁର ଆଦି ପଞ୍ଚାୟତର ୨୫ଟି ଗ୍ରାମର ଲକ୍ଷାଧିକ ଅଧିବାସୀଙ୍କୁ କଟକ-ରାଜନଗର ରାସ୍ତା ଛୁଇଁବାକୁ ଅନ୍ୟୁନ ୧୫ କି.ମି. ବୁଲିବାକୁ ପଡୁଛି। ପୁରୁଣା ପୋଲରେ ଲୁହା କଳଙ୍କି ଲାଗି ନଷ୍ଟ ହେଉଥିବା ଘଟଣା ବିଭାଗୀୟ ଅଧିକାରୀଙ୍କୁ ତତ୍କାଳୀନ ସମୟରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାସତ୍ତ୍ୱେ ବିଭାଗୀୟ ଅବହେଳା ପାଇଁ ପୋଲଟି ଭୁଶୁଡି ପଡିଲା। ସେହିପରି ନୂତନ ନିର୍ମାଣାଧୀନ ସେତୁ ଦୀର୍ଘ ୮ ବର୍ଷ ଧରି ଚାଲିଛି। ଏବେ ଏହି ନଦୀ ପାର ପାଇଁ ସରୁ ପାଦଚଲା କାଠ ପୋଲ ନିର୍ମାଣ ହୋଇଛି। ଏଥିରେ ଏକ ବାଇକ୍ ନେବା ମଧ୍ୟ ବିପଦପୂର୍ଣ୍ଣ ହୋଇଛି। ତୁରନ୍ତ ପୋଲ ନିର୍ମାଣ ସାରିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଅଧିକାରୀ ରାଜେଶ କୁମାର ପ୍ରଧାନଙ୍କୁ ପଚାରିବାରେ ଏଠାରେ ନୂତନ କଂକ୍ରିଟ ପୋଲ ନିର୍ମାଣାଧୀନ ଅଛି। ଖୁବ୍‌ଶୀଘ୍ର ଏହି ସେତୁ ନିର୍ମାଣ ଶେଷ ହେବ ବୋଲି ସେ କହିଛନ୍ତି।

### ସ୍ୱାଧୀନ ପ୍ରାର୍ଥୀ ଚିତ୍ତ ମଲ୍ଲିକ ନିର୍ଦ୍ଦେଶକ ନିର୍ବାଚିତ ଅଣ୍ଡିରା ପ୍ରାଥମିକ କୃଷି ସମବାୟ ସମିତି

ପଟ୍ଟାମୁଣ୍ଡାଇ,୨୩।୬(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକର ୧୬ଟି ସମବାୟ ସମିତି ମଧ୍ୟରୁ ଅଣ୍ଡିରା ପ୍ରାଥମିକ କୃଷି ସମବାୟ ସମିତିର ନିର୍ବାଚନ ଫଳାଫଳ ଉପରେ ବିଭିନ୍ନ ରାଜନୈତିକ ଦଳ ଓ କୃଷକ ସଙ୍ଗଠନଗୁଡିକର ନଜର ରହିଛି। ଚଳିତ ନିର୍ବାଚନରେ ୧୨ଜଣ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ୩ଟି ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ଜଣ ବିଜେଡି ସମର୍ଥିତ ନିର୍ଦ୍ଦେଶକ ନିର୍ବାଚିତ ହୋଇଥିବାବେଳେ ବରିଷ୍ଠ କୃଷକ ନେତା ଚିତ୍ତରଞ୍ଜନ ମଲ୍ଲିକ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ଦ୍ଦେଶକ ପଦବୀକୁ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ କଂଗ୍ରେସ ସମର୍ଥନରେ ଅଣ୍ଡିରା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଭାବେ ୨ଥର ନିର୍ବାଚିତ ହୋଇଥିବା ଚିତ୍ତରଞ୍ଜନ ଏହି ନିର୍ବାଚନରେ କଂଗ୍ରେସଠାରୁ ଦୂରତା ବଜାୟ ରଖିଥିଲେ। ସେ ଦଳମତ ନିର୍ବିଶେଷରେ ସମର୍ଥନ ହାସଲ କରି ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି।

# ଭୋକରେ ଜଳୁଛି ପେଟ, ପାଠକୁ ପଚାରେ କିଏ



ପିଲାମାନେ ଗାତରେ ହାତ ପୂରାଇ କଙ୍କଡ଼ା ଧରୁଛନ୍ତି।

- ଦାରିଦ୍ର୍ୟ, ନିରକ୍ଷରତା ସାଜିଛି ବାଧକ
- ଗାତରୁ କଙ୍କଡ଼ା ଅଣ୍ଡାଳୁଛନ୍ତି ପିଲା

ମହାକାଳପଡ଼ା,୨୩।୬ (ଡି.ଏନ୍.ଏ.)

ସମାଜର ମୁଖ୍ୟ ସ୍ରୋତରେ ଜନଜାତି ସମ୍ପ୍ରଦାୟ ଲୋକମାନଙ୍କୁ ସାମିଲ କରିବାକୁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉପାନ୍ତ ଗ୍ରାମାଞ୍ଚଳରେ ତୃଣମୂଳ ସ୍ତରରେ ବସବାସ କରୁଥିବା ଅନୁସୂଚିତ ଜନଜାତି ସମ୍ପ୍ରଦାୟ ପିଲାମାନେ କିପରି ପାଠ ପଢ଼ିପାରିବେ, ସେଥିପାଇଁ ସରକାରଙ୍କ ପକ୍ଷରୁ ସେମାନଙ୍କ ପାଇଁ ଆବାସିକ ବିଦ୍ୟାଳୟଗୁଡ଼ିକ ଖୋଲାଯାଇଛି। ମାଗଣାରେ ଭୋଜନ, ପୋଷାକ, ଷ୍ଟାଇପେଣ୍ଡ, ପାଠ୍ୟପୁସ୍ତକ ଆଦି ଯୋଗାଇ ଦେଉଛନ୍ତି। ବିଦ୍ୟାଳୟଗୁଡ଼ିକରେ ଏହି ପିଲାମାନେ ପାଠ ପଢିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଅଭାବୀ, ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଆଦିବାସୀ ଶବର ସମ୍ପ୍ରଦାୟର ପିଲାମାନେ କିପରି ଶିକ୍ଷାକ୍ଷେତ୍ରରେ ଅଗ୍ରସର ହେବେ ସରକାରଙ୍କ ତହବିଲରୁ ଅର୍ଥ ବ୍ୟୟ ବରାଦ କରାଯାଇଛି। ତୃଣମୂଳ ସ୍ତରରେ ଏହା କେତେ କାର୍ଯ୍ୟକାରୀ ହେଉଛି ତାହାକୁ ନେଇ ଉଠିଛି ପ୍ରଶ୍ନ। ଗରିବୀ ଓ ନିରକ୍ଷରତା ପାଇଁ ବାଧକ ସାଜିଛି ପାଠପଢ଼ା। ଏହାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ପେଟଛେଲା ପଞ୍ଚାୟତର ଜଙ୍ଗଲଘେରି ଗାଁର ଶବର ପିଲାଙ୍କ କ୍ଷେତ୍ରରେ।

ପିଲାଟି ଯେଉଁ ବୟସରେ କାନ୍ଧରେ ବହି ବସ୍ତାନି ପକାଇ ବିଦ୍ୟାଳୟକୁ ଯିବା କଥା, ସେତେବେଳେ କାନ୍ଧରେ ବ୍ୟାଗ ପକାଇ କଙ୍କଡା ଧରିବାକୁ ନଦୀକୂଳ ଅବା ଚାଷ ଜମି ହିଡ ମୂଳେ ଗାତ ଭିତରେ ହାତ ପୂରାଇ ଅଣ୍ଡାଳୁଛି। ଅଦୃଶ୍ୟ ଗାତ ଭିତରେ ବିଷଧର ସାପ, ସରୀସୃପ ଅବା କଙ୍କଡ଼ା ଅଛି ତାହା ନ ଜାଣି ପେଟର ଭୋକ ମେଣ୍ଟାଇବାକୁ ଚେଷ୍ଟା କରୁଛି। ଅଗଭୀର ଗାତ ଭିତରେ ହାତ ପୂରାଇ କଙ୍କଡା ଧରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏହି କୁନି କୁନି ପିଲାମାନେ ବିଦ୍ୟାଳୟକୁ ନ ଯାଇ ଏବେ କଙ୍କଡା ଗାତରେ ହାତ ପୂରେଇବାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଗୋଟେ ପଟେ ସଚେତନତା ଅଭାବ, ଅନ୍ୟପକ୍ଷେ ଦାରିଦ୍ର୍ୟ ତାଡ଼ନା ଏହି ପିଲାମାନଙ୍କୁ ସଜେଇ ଦେଉଛି କଙ୍କଡ଼ାଧରାଳି ଭାବେ। ସକାଳ ହେଲା ମାତ୍ରେ ପିଲାମାନେ କାନ୍ଧରେ ବ୍ୟାଗ ପକାଇ ପାଖ ନଦୀ, ନାଳକୁ ଛୁଟିଯାଉଛନ୍ତି। ଦିନ ତମାମ ଅକ୍ଲାନ୍ତ ପରିଶ୍ରମ କରି ଯାହା କିଲେ ଦୁଇ କିଲୋ କଙ୍କଡା ମିଳେ, ତାକୁ ପାଖ ବଜାରରେ ବିକ୍ରି କରି ଯାହା ଦି' ପଇସା ମିଳେ ନିଜ ଖର୍ଚ୍ଚ ପାଇଁ ରଖି ବଳକା ପଇସା ମା'ବାପାଙ୍କୁ ଦେଇଥାନ୍ତି। ଏଭଳି ଅନେକ ପିଲା ବିଦ୍ୟାଳୟକୁ ନ ଯାଇ ମାଛ, କଙ୍କଡା ଧରିବାରେ ନିମଗ୍ନ ରହୁଛନ୍ତି। ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ନିରକ୍ଷରତା, ଦାରିଦ୍ର୍ୟ ଏମାନଙ୍କ ପାଇଁ ବିଦ୍ୟାଳୟକୁ ଯିବାରେ ବାଧକ ସାଜିଛି। ଅନ୍ୟପକ୍ଷେ ପିଲାମାନେ ଯେଉଁ ବିଦ୍ୟାଳୟରେ ପାଠ ପଢୁଛନ୍ତି, ସେଠାକାର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥାନ ଓ ପାଠପଢ଼ାର ଅଗ୍ରଗତି ନିମନ୍ତେ ଅଭିଭାବକମାନଙ୍କୁ ଡାକି ସଚେତନ କରୁନାହାନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଏବିଇଓ ଗିରଫ

ଶିକ୍ଷକତା ସମୟରେ ପାଇଥିଲେ ରାଷ୍ଟ୍ରପତି ପୁରସ୍କାର

ରାଜନଗର, ୨୩।୬(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ (ଏବିଇଓ) ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ବିଦ୍ୟାଳୟ ଶ୍ରେଣୀଗୃହରେ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏବିଇଓ ସୁବାସ ଚନ୍ଦ୍ର ମହାନ୍ତିଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ନଂ. ୨୧୬/୨୨ରେ ମାମଲ ରୁଜୁ ହୋଇଛି। ଏବିଇଓ ମହାନ୍ତି ରାଜନଗର ବ୍ଲକର ପ୍ରଥମ ଆଦର୍ଶ ଶିକ୍ଷକ ଭାବେ ରାଷ୍ଟ୍ରପତି ପୁରସ୍କାର ପାଇଛନ୍ତି।

ରାଜନଗର ଥାନାରେ ନାବାଳିକା ଛାତ୍ରୀଙ୍କ ମା' କରିଥିବା ଅଭିଯୋଗ ମୁତାବକ ତାଙ୍କ ଝିଅ ଷଷ୍ଠ ଶ୍ରେଣୀରେ ପାଠ ପଢ଼ନ୍ତି। ବୁଧବାର ବିଦ୍ୟାଳୟକୁ ପ୍ରତିଦିନ ଭଳି ପଢ଼ିବାକୁ ଯାଇଥିଲେ। ମଧ୍ୟାହ୍ନଭୋଜନ ଛୁଟି ସମୟରେ ପିଲାମାନେ ଖେଳୁଥିବା ବେଳେ ଝିଅ ଶ୍ରେଣୀଗୃହରେ ବସି ଟିଉସନ ପାଠ କରୁଥିଲା। ଏହି ସମୟରେ ଏବିଇଓ ମହାନ୍ତି ପହଞ୍ଚି ଝିଅ ସହ ଅସଦାଚରଣ ଉଦ୍ୟମ କରିଥିଲେ। ଝିଅ ପାଟି କରିବାରୁ କାହାକୁ ନ କହିବାକୁ କହି ମହାନ୍ତି ପଳାଇଥିଲେ। ଝିଅ ଘରକୁ ଆସି ମୋତେ ନ କହି ଟିଉସନ ଦିଦିଙ୍କୁ କହିଥିଲା। ଦିଦି ମୋତେ ଏ ବିଷୟରେ ଜଣାଇଥିଲେ। ଏ ସମ୍ପର୍କରେ ମୁଁ ସ୍ୱାମୀଙ୍କୁ ଜଣାଇଥିଲି। ସ୍ୱାମୀ ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଓ ସମ୍ପୃକ୍ତ ଏବିଇଓଙ୍କୁ ଫୋନ ଯୋଗେ ପଚାରିଥିଲେ। ଗୁରୁବାର ସକାଳେ ଏବିଇଓ ଛାତ୍ରୀଙ୍କ ଘର ନିକଟରେ ପହଞ୍ଚିବା ପରେ ତାଙ୍କୁ ଗ୍ରାମବାସୀ ଆଣି ପୋଲିସ ଜିମା ଦେଇଥିଲେ। ଛାତ୍ରୀଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଛାତ୍ରୀଙ୍କ ବୟାନ ରେକର୍ଡ କରିବା ସହ ଏବିଇଓଙ୍କୁ ଗିରଫ କରିଛନ୍ତି। ପୋଲିସ ଏବିଇଓଙ୍କୁ ଥାନାରେ ଆଣି ବସାଇବା ପରେ ମଧ ତାଙ୍କୁ ତୁରନ୍ତ କୋର୍ଟ ଚାଲାଣ ପାଇଁ ଛାତ୍ରୀଙ୍କ ଗାଁର ଶତାଧିକ ଲୋକ ଥାନା ନିକଟରେ ପହଞ୍ଚି ହୋହଲ୍ଲା କରିଥିଲେ।

### ଏଟିଏମ୍ ଲୁଟ ଉଦ୍ୟମ, ୨ ଅଟକ

କେନ୍ଦ୍ରାପଡ଼ା ଅଫିସ, ୨୩।୬

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗୁଲନଗରରେ ଥିବା ଏକ ଏଟିଏମ୍ ତାଡି ଟଙ୍କା ନେବାକୁ ଉଦ୍ୟମ ହୋଇଥିଲା। ବୁଧବାର ରାତିରେ ଏହି ଉଦ୍ୟମ ହୋଇଥିବା ବେଳେ ପୋଲିସ ଦୁଇଜଣଙ୍କୁ ଗୁରୁବାର ଅଟକ ରଖିଛି। ପ୍ରାଥମିକ ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଏହି ଦୁଇ ଜଣ ଶାବଳ ଓ ଅନ୍ୟ ଯନ୍ତ୍ର ମାଧ୍ୟମରେ ଏଟିଏମ୍‌କୁ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ସକାଳେ ଏ ନେଇ ଜଣାପଡିବା ପରେ ଆଇଆଇସି ପବିତ୍ର କୁମାର ମହାରଣାଙ୍କ ନେତୃତ୍ୱରେ ତଦନ୍ତ ହୋଇଥିଲା। ସିସିଟିଭି ଫୁଟେଜ ଆଧାରରେ ନିକଟସ୍ଥ ଗାଁର ଦୁଇଜଣଙ୍କୁ ପୋଲିସ ଥାନାକୁ ନେଇଛି। ଏ ସମ୍ପର୍କରେ ଆଇଆଇସି ମହାରଣା କହିଛନ୍ତି , ଘଟଣା ସମ୍ପର୍କରେ ତଦନ୍ତ ଜାରି ରହିଛି।

### ଦୁଇ ବାଇକ୍ ମଧ୍ୟରେ ଧକ୍କା, ଜଣେ ମୃତ

ଚଣ୍ଡିଖୋଲ, ୨୩।୬ (ଡି.ଏନ.ଏ.)

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କୃଷ୍ଣଦାଶପୁର-ରତ୍ନଗିରି ରାଜ୍ୟ ରାଜପଥର ମୁଷାଟିକିରି ନିକଟରେ ବୁଧବାର ରାତ୍ରିରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଯୋଗୁ ଜଣକର ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ନିରଞ୍ଜନ ଦାସ (୪୩)।

ପୋଲିସ ସୂଚନା ମୁତାବକ, ରାସ୍ତାର ମୁଷାଟିକିରି ନିକଟରେ ରାସ୍ତା ଉପରେ ମାଟି ଗଦା ହୋଇଥିବା ଯୋଗୁ ବରୀ ରାମଚନ୍ଦ୍ରପୁର ଅଞ୍ଚଳରୁ ଏକ ବିବାହ କାର୍ଯ୍ୟରେ ଯୋଗଦେଇ ଫେରୁଥିଲେ ବେଳେ କୃଷ୍ଣଦାସପୁର ପଟୁ ଆସୁଥିବା ଏକ ବାଇକ୍ ସହ ନିରଞ୍ଜନଙ୍କ ଧକ୍କା ହୋଇଥିଲା। ଏଥିରେ ନିରଞ୍ଜନ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ବାଇକ୍ ଜବତ କରିବା ସହ ନଂ. ୨୩୩/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ୩୦ ଅମାନିଆ ଚାଳକଙ୍କୁ ଜରିମାନା

ପାଟଣା,୨୩।୬(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ମୁମ୍ବାଇ କଲିକତା ୪୯ ନମ୍ବର ଜାତୀୟ ରାଜପଥର ଖାରବେଡା ଓ ବାଉଁଶୁଲି ଛକରେ ଗୁରୁବାର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡି ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯିବା ସହ ୩୦ ଜଣ ଅମାନିଆ ଗାଡି ଚାଳକ ଙ୍କ ଠାରୁ ୨ ଲକ୍ଷ ଟଙ୍କାର ଚାଲାଣ ଜରିଆରେ ଜରିମାନା କରାଯାଇଥିବା ନେଇ ଟ୍ରାଫିକ ଇନ୍ସପେକ୍ଟର ସୁକୁରାମ ସୋରେନ ସୂଚନା ଦେଇଛନ୍ତି।

# ପୁରୁଣା ବସ୍‌ଷ୍ଟାଣ୍ଡ ନବୀକରଣ ପାଇଁ ୩ କୋଟି

କେନ୍ଦ୍ରାପଡ଼ା ଅଫିସ, ୨୩।୬

କେନ୍ଦ୍ରାପଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡର ରୂପରେଖ ବଦଳିବ। ଏଥିପାଇଁ ୩ କୋଟି ଟଙ୍କା ବ୍ୟୟ ହେବ ବୋଲି ପୌରପାଳିକା ବୈଠକରେ ଆଲୋଚନା ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କ ସୂଚନା ଅନୁଯାୟୀ, ୨୦୧୬ରେ ଅଗ୍ନିଲାଇ ତିନିମୁହାଣୀ ରାସ୍ତା ନବୀକରଣ ପରେ ପୁରୁଣା ବସ୍‌ଷ୍ଟାଣ୍ଡରେ ଜଳ ନିଷ୍କାସନ ସମସ୍ୟା ବଢ଼ିଯାଇଛି। ଏଠାରେ ଥିବା ଦୋକାନ ଗୃହରେ ପାଣି ଜମି ରହୁଛି। ସହରର କେନ୍ଦ୍ରସ୍ଥଳରେ ଥିବା ଏହି ସ୍ଥାନର ନବୀକରଣ ପାଇଁ କେତେଗୋଟି ଦୋକାନ ଗୃହ ଉଚ୍ଛେଦ ହେବା ସହ ବ୍ୟବସାୟୀଙ୍କୁ ଅନ୍ୟତ୍ର ଥଇଥାନ କରାଯିବ। ସେହିପରି ଏଠାରେ ଏକ ପାର୍କ, ଶୌଚାଳୟ, ଯାତ୍ରୀ ବିଶ୍ରାମଗାର ଆଦିର ଯୋଜନା ରହିଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ବଳ ସୂଚନା ଦେଇଛନ୍ତି।



ବର୍ଷା ପାଣିକୁ ପୁରୁଣା ବସ୍‌ଷ୍ଟାଣ୍ଡ ଗୃହରୁ ନିଷ୍କାସନ କରାଯାଉଛି। ( ଫାଇଲ ଫଟୋ)

# ସ୍ମାର୍ଟ ସ୍କୁଲ: ଶାରଦା ଏକାଡେମୀର କରୁଣ ସ୍ଥିତି

ଗୋଟିଏ କକ୍ଷରେ ୫ ଶ୍ରେଣୀର ୬୦ ଛାତ୍ରୀଛାତ୍ର

ଡେରାବିଶ, ୨୩।୬(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଛକନାସ୍ଥିତ ଶାରଦା ଏକାଡେମୀ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ ହେବା ପରେ ତା'ର କରୁଣ ସ୍ଥିତି ବୁଦ୍ଧିଜୀବୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଡେରାବିଶ ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟରେ ୫-ଟି ଯୋଜନାରେ ଯେଉଁ ୯ଟି ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରାଗଲା ସେଥିରୁ ଛକନାସ୍ଥିତ ଶାରଦା ଏକାଡେମୀ ଅନ୍ୟତମ। ତେବେ ଏହି ଯୋଜନାରେ ବିଦ୍ୟାଳୟରେ ଥିବା ପୁରୁଣା ଶ୍ରେଣୀଗୃହକୁ ରଙ୍ଗ କରିବା, ଶ୍ରେଣୀଗୃହ ଚଟାଣ ଓ ଅଗଣାରେ ଟାଇଲି ବିଛାଯାଇଛି। ହେଲେ ଆବଶ୍ୟକ ଥିବା ନୂତନ ଶ୍ରେଣୀଗୃହ ନିର୍ମାଣ ପ୍ରତି ଦୃଷ୍ଟି ଦିଆଯାଇନାହିଁ। ୨ବର୍ଷ ତଳରୁ ଏହି ବିଦ୍ୟାଳୟ ନିକଟରେ ଛକନା ପ୍ରାଥମିକ ବିଦ୍ୟାଳୟକୁ ଏହି ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି। ହେଲେ ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ପ୍ରଥମରୁ ୫ମ ଯାଏ ୫ଟି ଶ୍ରେଣୀର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଶ୍ରେଣୀଗୃହର ଚଟାଣରେ ଜାକିଜୁକି ହୋଇ ବସିବାକୁ ପଡୁଛି।



ଗୋଟିଏ ଗୃହ ମଧ୍ୟରେ ୫ ଶ୍ରେଣୀର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି।

ଦୁଇଜଣ ଶିକ୍ଷୟିତ୍ରୀ ସେହି ଗୃହରେ ୫ ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି।

ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ନିଯୁକ୍ତ ଦୁଇଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ପଦୋନ୍ନତି ପାଇ ଅନ୍ୟତ୍ର ଚାଲିଯିବା ଓ ଅନ୍ୟଜଣେ ଅବସର ନେବା ପରେ ଏହି ଦୁଇଟି ଶିକ୍ଷକ ପଦବୀ ଖାଲିପଡ଼ିଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ପ୍ରକାଶ କରିଛି। ସ୍ମାର୍ଟ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ପାଇଁ ସାଇକେଲ୍ ଷ୍ଟାଣ୍ଡ ନ ଥିବାରୁ ବିଦ୍ୟାଳୟ ପରିସରରେ ଏଣେତେଣେ ସାଇକେଲ୍‌ଗୁଡ଼ିକ ରଖାଯାଉଛି। ବର୍ଷା ଓ ଖରାରେ ସାଇକେଲଗୁଡ଼ିକ ରହୁଥିବା ବେଳେ ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ମୂର୍ତ୍ତି ସମ୍ମୁଖରେ ବି ଛାତ୍ରୀଛାତ୍ରମାନେ ସାଇକେଲ୍ ରଖିବାକୁ ବାଧ୍ୟ ହେଉଛନ୍ତି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ଅଗଣାଠାରୁ ୧ ଫୁଟ ତଳେ ଥିବା ଅବ୍ୟବହୃତ ପୁରୁଣା ଶ୍ରେଣୀ ଗୃହଗୁଡ଼ିକୁ ନ ଭାଙ୍ଗି ତାହା ପାଇଁ ଟଙ୍କା ଖର୍ଚ୍ଚ କରାଯାଇ ମରାମତି କରି ରଙ୍ଗ କରାଯାଇଛି। ପରେ ସେ ଗୃହରେ ବିଦ୍ୟାଳୟର ଭଙ୍ଗା ଟେବୁଲ୍, ଚେୟାର, ଡେସ୍କ, କାଠ, ବାଉଁଶ ଓ ଜାଳେଣୀ ରଖାଯାଉଥିବା ଦେଖିବାକୁ ମିଳିଛି। ଶ୍ରେଣୀଗୃହ ନିର୍ମାଣ ପ୍ରତି ଦୃଷ୍ଟି ଦିଆ ନ ଯାଇ ଅଯଥାରେ ଟଙ୍କା ବ୍ୟୟ କରାଯାଇ ଅଗଣାରେ ଘାସ ଗାଲିଚା ଓ ଭଲିବଲ୍ କୋର୍ଟ ନିର୍ମାଣ କରାଯାଇଛି। ସ୍ମାର୍ଟ ସ୍କୁଲର ୬୦ରୁ ଊର୍ଦ୍ଧ୍ୱ ଛୋଟ ପିଲାମାନଙ୍କୁ ଗୋଟିଏ ଘରେ ବସାଇ ଦୁଇଜଣ ଶିକ୍ଷୟିତ୍ରୀ କିଭଳି ଭାବେ ଶିକ୍ଷାଦାନ କରୁଛନ୍ତି ବୋଲି ପ୍ରଶ୍ନ କରିବାରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୋଦ କୁମାର ମହାନ୍ତି ଏ ସମ୍ପର୍କରେ ବିଡିଓଙ୍କୁ ଅବଗତ କରିଛନ୍ତି। ଏଥିସହ କାମଚଳା ପାଇଁ ଶ୍ରେଣୀଗୃହକୁ ପଟା ଦ୍ୱାରା ବିଭାଜିତ କରି ଅଧିକ ଦୁଇଟି ଶ୍ରେଣୀଗୃହ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଯାହା ଅଳ୍ପଦିନ ମଧ୍ୟରେ ହେବ ବୋଲି ମହାନ୍ତି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଇଟା ବୋଝେଇ ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଯାଜପୁର ଟାଉନ,୨୩।୬(ଡି.ଏନ.ଏ.):** ଯାଜପୁର ଟାଉନ ଥାନା ଅନ୍ତର୍ଗତ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବାଇକ୍ ଓ ଟ୍ରାକ୍ଟର ମଧରେ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅକରପଡ଼ା ପଞ୍ଚାୟତ ମଲ୍ଲିକାପୁର ଗ୍ରାମର ରାଜେନ୍ଦ୍ର ଜେନା(୩୩)। ସେ ତାଙ୍କ ସମ୍ପର୍କୀୟଙ୍କ ଘର ଚଇନପୁରକୁ ଏକ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ଇଟା ବୋଝେଇ ଟ୍ରାକ୍ଟର ନଂ.(ଓଡି-୦୪-କ୍ୟୁ-୫୧୪୧)ରାଜେନ୍ଦ୍ରଙ୍କୁ ଧକ୍କା ଦେଇଥିଲା। ଫଳରେ ରାଜେନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ରାଜେନ୍ଦ୍ରଙ୍କ ବାଇକ୍ ଓ ଟ୍ରାକ୍ଟରକୁ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ତେବେ ରାଜେନ୍ଦ୍ର ଅଟୋ ଡ୍ରାଇଭର ଭାବେ ପରିବାର ଚଳାଉଥିବା ବେଳେ ୨ବର୍ଷ ତଳେ ତାଙ୍କର ବିବାହ ହୋଇଥିଲା ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଯାଜପୁର ସହର ମଧରେ ଦିନ ବେଳା ଶହଶହ ବାଲି ଓ ଇଟା ବୋଝେଇ ଟ୍ରାକ୍ଟର ଦ୍ରୁତ ଗତିରେ ଯାତାୟାତ କରୁଛି। ଫଳରେ ଅଯଥାରେ ନିରୀହ ଲୋକଙ୍କ ଜୀବନ ଯାଉଛି। ବହୁ ସମୟରେ ନାବାଳକ ଗାଡ଼ି ଚଳାଉଥିବାରୁ ଦୁର୍ଘଟଣା ଘଟୁଛି। ତେଣୁ ଏ ଦିଗରେ ପୋଲିସ ଦୃଷ୍ଟିଦେବାକୁ ଦାବି ହୋଇଛି।

### ଗ୍ରାମନନ୍ଦୀପୁର ସମିତି ସଭାପତି ହେଲେ ବିଷ୍ଣୁଚରଣ



**ଝୁମ୍ପୁରୀ,୨୩।୬(ଡି.ଏନ୍.ଏ.):** ଦଶରଥପୁର ବ୍ଲକ୍ ଅଧୀନ ଗ୍ରାମନନ୍ଦୀପୁର ପ୍ରାଥମିକ କୃଷି ସମବାୟ ସମିତିର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଷ୍ଣୁଚରଣ ମହାପାତ୍ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପରିଚାଳନା କମିଟି ସଭ୍ୟଙ୍କ ନିର୍ବାଚନ ପରେ ସଭାପତି ନିର୍ବାଚନ ହୋଇଥିଲା। ବ୍ଲକ୍ ପୂର୍ବତନ ଉପାଧକ୍ଷ ମହାପାତ୍ର ସଭାପତି ହେବାପରେ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ବିଧାୟିକାଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ବିରୁହାଁ ସରପଞ୍ଚ ସୁବାସ ଚନ୍ଦ୍ର ଦେବତା, ସମିତିସଭ୍ୟ ଲକ୍ଷ୍ମୀଧର ସାମଲ, ଗ୍ରାମନନ୍ଦୀପୁର ସରପଞ୍ଚ ସଂଯୁକ୍ତା ମହାନ୍ତି, ବିହାରୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଜାତୀୟ ଜୁନିୟର ରଗ୍‌ବୀରେ ଯାଜପୁର ଖେଳାଳିଙ୍କ ସଫଳତା

**ଝୁମ୍ପୁରୀ,୨୩।୬(ଡି.ଏନ୍.ଏ.):** ଭାରତୀୟ ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ୍ ଦ୍ୱାରା ବିହାରର ପାଟଣାଠାରେ ଆୟୋଜିତ ଜାତୀୟ ଜୁନିୟର ରଗ୍‌ବୀ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ବିଭାଗ ଉପବିଜେତା ହୋଇଥିବାବେଳେ ବାଳକ ବିଭାଗ ୫ମ ସ୍ଥାନ ଅଧିକାର କରିଛି। ତେବେ ଓଡ଼ିଶା ଦଳ ତରଫରୁ ପ୍ରତିନିଧିତ୍ୱ କରୁଥିବା ଯାଜପୁର ରଗ୍‌ବୀ ଆସୋସିଏଶନ ଖେଳାଳି ସୌମ୍ୟରଞ୍ଜନ ସ୍ୱାଇଁ ଓ ଲିଲିରାଣୀ ବେହେରାଙ୍କୁ ସେମାନଙ୍କ ଉଚ୍ଚ ତର ଖେଳପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ସୌମ୍ୟରଞ୍ଜନ ଦଶରଥପୁର ଓଡ଼େଇ ଗ୍ରାମର ବ୍ରଜକିଶୋର ସ୍ୱାଇଁଙ୍କ ପୁଅ ଏବଂ ସେ ଦଶରଥପୁର ଉଚ୍ଚ ବିଦ୍ୟାଳୟର ଛାତ୍ର। ଲିଲିରାଣୀ ଭଦ୍ରକ ଜିଲା ରାମେଶ୍ୱରପୁର ଗ୍ରାମର ଏକାଦଶୀ ବେହେରାଙ୍କ ଝିଅ ହୋଇଥିବାବେଳେ ସେ ଦଶରଥପୁରରେ ରହି ରାମବାଗ ରିଜିଓନାଲ କଲେଜରେ ପାଠପଢ଼ନ୍ତି। ଜିଲା ରଗ୍‌ବୀ ଆସୋସିଏଶନ୍ ସଭାପତି ନାରାୟଣ ଚନ୍ଦ୍ର ସାହୁ, ସମ୍ପାଦକ ତଥା ରାଜ୍ୟ ସଂଯୋଜକ ଭରତ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଗୁଡୁ, ଜିଲା ହକି କୋଚ୍ ଅମୂଲ୍ୟ ବେହେରା, ସମ୍ବଲପୁର ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଅଧିକାରୀ ଅବିନାଶ କର, ଦଶରଥପୁର ବ୍ଲକ୍ ଅଲମ୍ପିକ୍ ଆସୋସିଏଶନ୍ ସଭାପତି ଚନ୍ଦ୍ରଶେଖର ସାହୁ, ଦଶରଥପୁର ଉଚ୍ଚ ବିଦ୍ୟାଳୟ ଅଧକ୍ଷ କାହ୍ନୁଚରଣ ମିଶ୍ର, ରିଜିଓନାଲ କଲେଜ ଅଧକ୍ଷ ପ୍ରମୋଦ କୁମାର ମହାନ୍ତି, ଜିଲା କିକ୍ ବକ୍ସିଂ ସମ୍ପାଦକ ରଞ୍ଜନ ସୂତାର, ଜିଲା ଆଥ୍‌ଲେଟିକ୍ ଆସୋସିଏଶନ୍ ପୂର୍ବତନ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ଜିଲା କ୍ରୀଡ଼ା ସଙ୍ଗଠକ ମନୋରଞ୍ଜନ ସିଂହ, ମମତାଜ ଅଲ୍ଲୀ, ପ୍ରମୋଦ ଦାସ, କୃଷ୍ଣକାନ୍ତ ପଣ୍ଡା ପ୍ରମୁଖ ଏହି ଦୁଇ ଖେଳାଳୀଙ୍କ ସହ ଓଡ଼ିଶାର ଅନ୍ୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଲିଲିରାଣୀ ଭାରତୀୟ ଶିବିର ପାଇଁ ମନୋନୀତ ହୋଇଛନ୍ତି।

# ପଶ୍ଚିମ ବଡ଼ଚଣାରେ ବେଆଇନ ମାଙ୍କଡ଼ା ଖାଦାନ

**ଚଣ୍ଡିଖୋଲ,୨୩।୬(ଡି.ଏନ.ଏ.)**

- ୧ ମାସ ହେବ ଚାଲିଛି କାରବାର
- ବିଭାଗୀୟ ଅଧିକାରୀ ନୀରବ



ବେଆଇନ ମାଙ୍କଡ଼ା ଖନନ ସ୍ଥଳ।

ଦର୍ପଣ ତହସିଲ ଅନ୍ତର୍ଗତ ପଶ୍ଚିମ ବଡ଼ଚଣା କୁହାଯାଉଥିବା ପ୍ରାୟ ୪ଟି ପଞ୍ଚାୟତରେ ବ୍ୟାପକ ବେଆଇନ ମାଙ୍କଡ଼ା ଖାଦାନ ଚାଲୁଛି। ଯେଉଁଦିନ ତହସିଲ ତରଫରୁ ଚଢ଼ାଉ କରାଯାଉଛି ସେହି ଦିନଟି ଖାଦାନ ବନ୍ଦ ରହୁଥିବାବେଳେ ଅନ୍ୟଦିନ ଖାଦାନରେ ବ୍ୟାପକ କାରବାର ହେଉଛି। ପଥର ମାଫିଆମାନେ ଦୀର୍ଘ ୧ ମାସ ହେବ ସକ୍ରିୟ ହୋଇ ଉଠିଛନ୍ତି। ବୈରୀ ଥାନା ପାଖଦେଇ ଚୋରା ମାଙ୍କଡ଼ା ଗାଡ଼ିଗୁଡ଼ିକ ଯାଉଥିବାବେଳେ ପୋଲିସର ନୀରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏହି ତହସିଲ ଅଧୀନ ବୈରୀ, ଅମିୟଝରି, ନିମଡ଼ିହ, ବରଗଡ଼ା ଓ ଶାଳପଡ଼ା ଆଦି ସ୍ଥାନରେ ୧୦ରୁ୧୨ଟି ବେଆଇନ ଖାଦାନ ଚାଲୁଛି। ତହସିଲ ତରଫରୁ ବୈରୀର ଗୋଟିଏ ବେସରକାରୀ ଜାଗାରୁ ମାଙ୍କଡ଼ା ଖନନ ପାଇଁ ଅନୁମତି ପ୍ରଦାନ କରାଯାଇଥିବାବେଳେ ଏହାର ସୁଯୋଗ ନେଇ ମାଫିଆ ବିଭିନ୍ନ ସ୍ଥାନରୁ ଖାଦାନ ସୃଷ୍ଟି କରି ଖନନ କରୁଛନ୍ତି। ମେଶିନ ସାହାଯ୍ୟରେ ରାତିଅଧରେ ଦୈନିକ ଶହଶହ ଟ୍ରିପ୍ ମାଙ୍କଡ଼ା ଖନନ କରାଯାଇ ବାହାରକୁ ଚାଲାଣ କରାଯାଉଛି। ଏପରି କି କେତେକ ସ୍ଥାନରେ ମାଙ୍କଡ଼ା ପଥରକୁ ଗଚ୍ଛିତ ରଖାଯାଇ ସୁବିଧା ସୁଯୋଗ ଦେଖି ଚାଲାଣ କରାଯାଉଛି। ଗୋଟିଏ ବେସରକାରୀ ଜମିକୁ ଅନୁମତି ଦିଆଯାଇଥିବା ବେଳେ ମାଫିଆ ଜଙ୍ଗଲ ଜମି ଓ ସରକାରୀ ଜମିରୁ ମଧ ପଥର ଖନନ କରୁଛନ୍ତି। ଗତ ସପ୍ତାହରେ ଏ ସମ୍ପର୍କରେ ଅଭିଯୋଗ ପାଇ ଦର୍ପଣ ତହସିଲଦାରଙ୍କ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ାଉ କରି ୩ ଟ୍ରକ୍ ଓ ଗୋଟିଏ ଜେସିବି ମେଶିନ ଜବତ କରିଥିଲା। ତେବେ ଏଭଳି ଚଢ଼ାଉକୁ ନଜର ରଖି ମାଫିଆ ରାସ୍ତା ଉପରେ ଲୋକଙ୍କୁ ଠିଆକରି ରଖୁଛନ୍ତି ଏବଂ ସେମାନେ ତହସିଲ ତରଫରୁ ଚଢ଼ାଉ ହେବାର ଖବର ପାଇ ସଙ୍ଗେସଙ୍ଗେ ସୂଚନା ଦେଉଛନ୍ତି। ବୈରୀ ରେଞ୍ଜ ଅଫିସ ଓ ଥାନାଠାରୁ ମାତ୍ର ଏକ କିଲୋମିଟର ଦୂରରେ ଏଭଳି ବେଆଇନ ଖାଦାନ ଚାଲୁଥିବା ବେଳେ ବିଭାଗୀୟ ଅଧିକାରୀ ଏହା ଜାଣିଥିଲେ ମଧ ନୀରବତା ଅବଲମ୍ବନ କରୁଛନ୍ତି।

ସୂଚନା ଥାଉକି, ୨୦୧୧ ମସିହାରେ ତତ୍କାଳୀନ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅରବିନ୍ଦ ପାଢ଼ୀ ବେଆଇନ ମାଙ୍କଡ଼ା ଖାଦାନ ଚାଲୁଥିବା ନେଇ ଖବର ପାଇ ଆସିଥିବାବେଳେ ସେତେବେଳେ ୪ଜଣ ସରକାରୀ କର୍ମଚାରୀଙ୍କୁ ଏଥିରେ ସମ୍ପୃକ୍ତି ଥିବାନେଇ ନିଲମ୍ବିତ କରିଥିଲେ। ବନବିଭାଗ ଓ ରାଜସ୍ୱ ବିଭାଗର ଏହି ୪କର୍ମଚାରୀଙ୍କୁ ନିଲମ୍ବିତ ହେବାପରେ ସେଠାରେ ସରକାରୀ ଅଧିକାରୀଙ୍କ ମଧରେ ସେତେବେଳେ କୋକୁଆଭୟ ସୃଷ୍ଟି ହୋଇଥିଲା। ଉଚ୍ଚସ୍ତରୀୟ କାର୍ଯ୍ୟାନୁଷ୍ଠାନ ନ ହେବା ହେତୁ ମାଫିଆ ସକ୍ରିୟ ହୋଇ ଉଠିଛନ୍ତି। ବୈରୀ ପଞ୍ଚାୟତ ଅନ୍ତର୍ଗତ ବଗଉଠାରେ ଏକ ବେଆଇନ ଖାଦାନ ଚାଲିଥିବାବେଳେ ସୀମା ନିର୍ଦ୍ଧାରଣ ନ ହୋଇଥିବା ହେତୁ ସେମାନେ ଦର୍ପଣ ତହସିଲ ଅଞ୍ଚଳରେ ଖୋଳୁଥିବା ବେଳେ ଏହା ଟାଙ୍ଗୀ ତହସିଲର ବୋଲି କହୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କୁ ପଚାରିବାରେ ସେ କୁହନ୍ତି, ବେଆଇନ ଖନନ ସମ୍ପର୍କରେ ଖବର ପାଇଲେ ସଙ୍ଗେସଙ୍ଗେ ଚଢ଼ାଉ ଜାରି ରହୁଛି ଏବଂ ସମ୍ପୃକ୍ତ ଗାଡ଼ି ମାଲିକଙ୍କ ନିକଟରୁ ମୋଟା ଅଙ୍କର ଜରିମାନା ମଧ ଆଦାୟ କରାଯାଉଛି। ଚଳିତ ବର୍ଷ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚାଲାଣରେ ଆମ ତହସିଲ ସର୍ବାଧିକ ଜରିମାନା ଆଦାୟ କରିଛି। ଆଗକୁ ବେଆଇନ ଖନନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏବେ ଦେଖିବାକୁ ଅପେକ୍ଷା କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

### ସିଆର୍‌ପିଏଫ୍ ଯବାନଙ୍କ ଆତ୍ମହତ୍ୟା



ଶ୍ରୀବନ୍ତ ରାଉତ

**ବିଞ୍ଝାରପୁର,୨୩।୬(ଡି.ଏନ.ଏ.)**

ଜମ୍ମୁ-କଶ୍ମୀରରେ କାର୍ଯ୍ୟରତ ଜଣେ ସିଆର୍‌ପିଏଫ୍ ଯବାନ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଶାସନ୍ଦା ପଞ୍ଚାୟତର କୁଶଧ୍ୱଜ ରାଉତଙ୍କ ପୁଅ ଶ୍ରୀବନ୍ତ ରାଉତ। ଶ୍ରୀବନ୍ତ ମଙ୍ଗଳବାର ରାତିରେ ନିଜ ସର୍ଭିସ ରାଇଫଲରୁ ନିଜକୁ ଗୁଳି କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ବିମାନ ଯୋଗେ ତାଙ୍କ ମରଶରୀର ଭୁବନେଶ୍ୱରରେ ପହଞ୍ଚିବା ପରେ ସିଆର୍‌ପିଏଫ୍ ପକ୍ଷରୁ ଗ୍ରାମକୁ ଅଣାଯାଇଥିଲା। ଶାସନ୍ଦା ପଞ୍ଚାୟତ ପକ୍ଷରୁ ସରପଞ୍ଚ କାମଦେବ ଧଳଙ୍କ ନେତୃତ୍ୱରେ ତାଉନ୍ତାର ଛକଠାରୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିଭ୍ରମଣ କରାଯାଇଥିଲା। ପରେ ଗାର୍ଡଅଫ୍ ଅନର ଦିଆଯିବା ସହ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶ୍ରୀବନ୍ତଙ୍କ ମୃତ୍ୟୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ସେ କାହିଁକି ଆତ୍ମହତ୍ୟା କଲେ ତାହା ଜଣା ପଡ଼ିନାହିଁ।

## ନୂଆହାଟ ଗ୍ରାମରେ ବଧୂହତ୍ୟା ଅଭିଯୋଗ

**ରସୁଲପୁର,୨୩।୬(ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ନୂଆହାଟ ଗ୍ରାମରେ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗ୍ରାମର ମମତା ମଲିକ(୨୪)। ମୃତ ମହିଳାଙ୍କ ଭାଇ ମୋହନ ତାଙ୍କ ଭଉଣୀଙ୍କୁ ଶାଶୁ, ଶଶୁର, ଦିଅର, ନଣନ୍ଦ ମାରି ଦେଇ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଆଧାର କରି ଏସ୍ଆଇ ପ୍ରଶାନ୍ତ ଦାଶ ତଦନ୍ତ ଆରମ୍ଭ କରିଛନ୍ତି।

୨୦୧୬ରେ ଓଡ଼ିଶୋ ପଞ୍ଚାୟତ ନୂଆହାଟ ଗ୍ରାମର ରାଜେନ୍ଦ୍ର ମଲିକ ମମତାଙ୍କୁ ଭଲ ପାଇ ବିବାହ କରିଥିଲେ। ରାଜେନ୍ଦ୍ର ତାମିଲନାଡୁରେ ଏକ କମ୍ପାନୀରେ ଚାକିରି କରୁଛନ୍ତି। ମମତା ଶାଶୁ ଘରେ ରହୁଥିଲେ। ତାଙ୍କର ଏକ ୪ବର୍ଷର ପୁଅ ଓ ୧୧ମାସର ଝିଅ ରହିଛି। ତେବେ ପାରିବାରିକ କଳହରୁ ଗତ ୧୯ତାରିଖ ରାତିରେ ମମତା ଶୋଇବା ଘରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାରକରି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ମମତାଙ୍କ ମୃତ୍ୟୁ ଘଟିଥିଲା ବୋଲି ଶାଶୁଘର ଲୋକେ କହିଛନ୍ତି। ଅପରପକ୍ଷରେ ମମତାଙ୍କ ଭାଇ ଅଭିଯୋଗ କରୁଛନ୍ତି, କି ତାଙ୍କ ଭଉଣୀ ଭଲ ପାଇ ବିବାହ କରିଥିଲେ। ଏହାକୁ ତାଙ୍କ ପରିବାର ବିରୋଧ କରିଥିଲେ। ଫଳରେ ଉଭୟ ପରିବାର ମଧରେ ବର୍ଷାଧିକକାଳ ଉତ୍ତମ ସମ୍ପର୍କ ନ ଥିଲା। ମାତ୍ର ଭଉଣୀଙ୍କ ପୁଅ ଜନ୍ମ ହେବା ପରେ ଉଭୟ ପରିବାର ମଧରେ ସୁ-ସମ୍ପର୍କ ସୃଷ୍ଟି ହୋଇଥିଲା। ପରେ ସେମାନେ ଦାବି ମୁତାବକ ଯୌତୁକ ଦେଇଥିଲେ। ହେଲେ ମମତାଙ୍କ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରୁଥିଲେ। ତେବେ ଯୌତକୁ ଦେବାରେ ବିଫଳ ହେବାରୁ ମମତାଙ୍କ ଶାଶୁ, ନଣନ୍ଦ, ଦିଅରଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ମମତାଙ୍କୁ ମାରିଦେଇ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ତେବେ ଅଭିଯୁକ୍ତମାନେ ଫେରାର ହୋଇ ଯାଇଛନ୍ତି। ପୋଲିସ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା ନଂ.୨୦୮/୨୨ ରୁଜୁ ହୋଇଛି।

## ମୁଖ୍ୟମନ୍ତ୍ରୀ କଳାକାର ସହାୟତା ପାଇଁ ୨ୟ ପର୍ଯ୍ୟାୟ ଚୟନ ପ୍ରକ୍ରିୟା

**ଯାଜପୁର ଟାଉନ,୨୩।୬(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ଗୁରୁବାର ପୂର୍ବାହ୍ନରେ ଯାଜପୁର ଜିଲା ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା ଜିଲା ଭାଷା, ସାହିତ୍ୟ ଓ ସଂସ୍କୃତି ପରିଷଦ ଉପାଧକ୍ଷ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ଚୟନ ପ୍ରକ୍ରିୟାରେ ସାମିଲ ଥିବା ସମସ୍ତ କଳାକାରଙ୍କୁ ସ୍ୱାଗତ କରିବା ସହ ଜିଲାରେ ଯେପରି କୌଣସି ଯୋଗ୍ୟ କଳାକାର ଚୟନ ପ୍ରକ୍ରିୟାରୁ ବାଦ୍ ନ ପଡ଼ିବେ ସେଥିପାଇଁ ଦ୍ୱିତୀୟ ପର୍ଯ୍ୟାୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକ୍ ଅଞ୍ଚଳରୁ ବାକି ରହିଯାଇଥିବା ମୋଟ ୬୮ଜଣ କଳାକାର ଯୋଗଦେଇ ବିଚାରପତିଙ୍କ ସମ୍ମୁଖରେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ବିଚାରପତି ଭାବେ ବେଣୁଧର ଜେନା, ପ୍ରତାପ କୁମାର ପଣ୍ଡା ଓ ଉମାକାନ୍ତ ବିଶ୍ୱାଳ ରହିଥିବା ବେଳେ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ କୁମାର ପଣ୍ଡା ଓ ତରଣୀସେନ ରାଉତ ସହାୟତା କରିଥିଲେ। ମୋବିଲାଇଜର ଅଶ୍ୱିନୀ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ଏବଂ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ନୋଡାଲ ଅଧିକାରୀ ଭାବେ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

# ‘ରାଜ୍ୟ, ସୁକିନ୍ଦାର ବିକାଶ ମୋ ପାଇଁ ଆହ୍ୱାନ’





ଧନ୍ୟବାଦ ସଭାରେ ଯୋଗ ଦେଇଥିବା ଅତିଥି।

**କାଳିଆପାଣି,୨୩।୬(ଡି.ଏନ.ଏ.)**

ରାଜ୍ୟ ଓ ସୁକିନ୍ଦାର ତୃଣମୂଳସ୍ତରରୁ ବିକାଶ କରି ଭାରତ ବର୍ଷରେ ସବୁସ୍ତରରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟ ଭାବେ ଗଢ଼ି ତୋଳିବାର ସହଯୋଗ ମୋ ପାଇଁ ଏକ ଆହ୍ୱାନ। ଏଥିପାଇଁ ପ୍ରଚେଷ୍ଟା କରିବି ବୋଲି କାଳିଆପାଣିଠାରେ ଶ୍ରମିକ ସଂଘ ପକ୍ଷରୁ ଅନୁଷ୍ଠିତ ଧନ୍ୟବାଦ ସଭାରେ ସୁକିନ୍ଦା ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ପ୍ରକାଶ କରିଛନ୍ତି। ସୁକିନ୍ଦା ଖଣି ଅଞ୍ଚଳରେ ବନ୍ଦ ଥିବା ଖଣି ପୁନଃ କାର୍ଯ୍ୟକ୍ଷମ ହେବା ସହ ପୁଣି ଶ୍ରମିକଙ୍କ ମୁହଁରେ ହସ ଫୁଟିବ ବୋଲି ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ପକ୍ଷରୁ ଆୟୋଜିତ ‘ଧନ୍ୟବାଦ ମୁଖ୍ୟମନ୍ତ୍ରୀ’ ସମାରୋହରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଅଧକ୍ଷତା କରିଥିଲେ। ମନ୍ତ୍ରୀ ଘଡ଼ାଇ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟର ଶିଳ୍ପର ବିକାଶ, କୃଷିର ବିକାଶ ସହ ଦକ୍ଷତା ବିକାଶ ଘଟିଛି। ମାଟିକୁ ପାଣି ପାଟିକୁ ପାଣି ଯୋଗାଯାଇଛି। ନଗଡ଼ା ପରି ଅପହଞ୍ଚ ଇଲାକାରେ ଆଜି ପିଇବା ପାଣି ପହଞ୍ଚି ପାରିଛି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପ୍ରତି ବ୍ଲକ୍‌ରେ ଶ୍ରମ କାର୍ଯ୍ୟାଳୟ ଖୋଲାଯାଇ ନିର୍ମାଣ ଶ୍ରମିକଙ୍କ ବିକାଶ କରାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ଏମ୍‌ପି ଶର୍ମିଷ୍ଠା ସେଠୀ, ବଡ଼ଚଣା ବିଧାୟକ ଅମର ଶତପଥୀ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ତାଙ୍କ ନେତୃତ୍ୱରେ ସାରା ଓଡ଼ିଶାର ଅପହଞ୍ଚ ଅଞ୍ଚଳ ଚିତ୍ର ବଦଳିଛି ବୋଲି ପ୍ରକାଶ କରିଥିଲେ। ଏଥିସହିତ ମନ୍ତ୍ରୀ ଘଡ଼େଇ ଯୁବପିଢ଼ିଙ୍କ ଆଦର୍ଶ ହେବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସୁକିନ୍ଦା ବ୍ଲକ୍ ଅଧକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧକ୍ଷ ଭାଗ୍ୟଲକ୍ଷ୍ମୀ ରାଉତ, ପୂର୍ବତନ ଅଧକ୍ଷ ପ୍ରଶାନ୍ତ ପାତ୍ର, ଭାଗ୍ୟବତୀ ମହାନ୍ତ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ବିଦ୍ୟାଧର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶ୍ରମିକ ସଂଘ ଯୁଗ୍ମ ସମ୍ପାଦକ ଭାରତ ମହାନ୍ତ ଧନ୍ୟବାଦ ଦେଇଥିଲେ। ମଙ୍ଗଳପୁରଠାରୁ ଏକ ବିରାଟ ମୋଟର ସାଇକେଲ ରାଲିରେ ଅତିଥିଙ୍କୁ ସଭା ସ୍ଥଳକୁ ଅଣାଯାଇଥିଲା। ପରେ ପ୍ରତି ପଞ୍ଚାୟତ, ବିଭିନ୍ନ କମ୍ପାନୀ ଓ ଶ୍ରମିକ ସଂଘ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ବିକାଶଧାରା ଆହୁରି ତ୍ୱରାନ୍ୱିତ ହେବ: ରାଜସ୍ୱ ମନ୍ତ୍ରୀ





ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବିଞ୍ଝାରପୁର,୨୩।୬(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ମାଁସଡ଼ା ପଞ୍ଚାୟତ ଗୌଡ଼ସାହିଠାରେ ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମାଁସଡ଼ାର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ବିଜେଡି ନେତା ରାମଚନ୍ଦ୍ର ବେହେରାଙ୍କ ସଭାପତିତତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ମଲ୍ଲିକ, ସମ୍ମାନିତ ଅତିଥି ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ଦାସ, ୨୫ ନଂ. ଜିଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ବ୍ଲକ୍ ଉପାଧକ୍ଷ ସେକ୍ ଇର୍ସାଦ ଓ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନେତା ରାମଚନ୍ଦ୍ର ବେହେରା ମନ୍ତ୍ରୀଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟ ଅତିଥିଙ୍କୁ ମଧ ଉପଢ଼ୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ସଭାରେ ମନ୍ତ୍ରୀ ମଲ୍ଲିକ ବିଞ୍ଝାରପୁରକୁ ଏକ ବିକଶିତ ଅଞ୍ଚଳରେ ପରିଗଣିତ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ବିକାଶଧାରାକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ବରିଷ୍ଠନେତା ଶ୍ୟାମସୁନ୍ଦର ବେହେରା, କୈଳାସ ସେଠୀ, ବିଜୟ ଚାନ୍ଦ, ସପନ ଦାସ, ନୃସିଂହ ଚରଣ ମିଶ୍ର, ଶିବନାରାୟଣ ବେହେରା, ଉମେଶ ଚନ୍ଦ୍ର ବାରିକ, ରବୀନ୍ଦ୍ର ବେହେରା, ପ୍ରଦୀପ ବେହେରା, ସୁଶାନ୍ତ ଦାସ, ଜର୍ନାଦନ ଜେନା, ଦିଲୀପ ବେହେରା ଓ ସଞ୍ଜୟ ବେହେରାଙ୍କ ସମେତ ପଞ୍ଚାୟତର ବହୁ କର୍ମୀ ଉପସ୍ଥିତ ଥିଲେ।

# ପିକ୍‌ନିକ୍ ସ୍ପଟ୍‌ରେ ରୂପାନ୍ତରିତ ହେବ ଡ୍ୟାମ୍ ଅଞ୍ଚଳ

**ଯାଜପୁର ଅଫିସ,୨୩।୬**

- ୩ ବର୍ଷରେ ୫୦ କୋଟି ଟଙ୍କା ବ୍ୟୟ ଅଟକଳ
- ରାଜ୍ୟରେ ରହିଛି ୨୦୫ ବୃହତ୍ ଡ୍ୟାମ୍
- ଚିହ୍ନଟ ହେଲାନି ପୋତା ଜଳାଶୟ କିସମ ଜମି



ରାଜ୍ୟରେ ଥିବା ଜଳଭଣ୍ଡାର, ଜଳାଶୟ ଏବଂ ସ୍ୱତନ୍ତ୍ର ଡ୍ୟାମ ନିକଟବର୍ତ୍ତୀ ଅଞ୍ଚଳରେ ପିକନିକ୍ ସ୍ପଟ୍, ସୌନ୍ଦର୍ଯ୍ୟକରଣ, ସଂଗ୍ରହାଳୟ ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିପାଇଁ ଜିଲାସ୍ତରରେ ଜିଲାପାଳଙ୍କ ଅଧକ୍ଷତାରେ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର (ଏସ୍ଓପି) ଗଠନ ହୋଇ ସାରିଛି। ୨୦୨୧-୨୨ରୁ ୨୦୨୩-୨୪ ମସିହା ପର୍ଯ୍ୟନ୍ତ ୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଧାର୍ଯ୍ୟ ହୋଇଛି। ଏହାସହ ଜଳ ସମ୍ପଦ ବିଭାଗ ଦ୍ୱାରା ଏକ ଗାଇଡ୍ ଲାଇନ ପ୍ରସ୍ତୁତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗତ ୨୧ ତାରିଖରେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଜଳାଶୟ କିସମ ଜମିର ସୁରକ୍ଷା, ସଂରକ୍ଷଣ ଓ ପରିରକ୍ଷଣ କରିବାକୁ ରାଜ୍ୟ ସରକାରଙ୍କ ପୂର୍ବ ନିଷ୍ପତ୍ତି ଏଯାଏ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବାରୁ ଏହି ମହତ ଯୋଜନା କେତେଦୂର ସଫଳ ହେବ ତାହା ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

ଜଳ ସମ୍ପଦ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦୫ ବୃହତ୍ ଡ୍ୟାମ୍ ରହିଛି। ଏହି ଯୋଜନା ଅଧୀନରେ ଜଳସ୍ରୋତ ସହିତ ସଂଲଗ୍ନ ସ୍ଥାନଗୁଡିକ ମନୋରଞ୍ଜନ କାର୍ଯ୍ୟ ପାଇଁ ବିକାଶ କରାଯିବ। ଏହାବାଦ୍ ଡ୍ୟାମ୍‌ଗୁଡ଼ିକରେ ବୋଟିଂ ଏବଂ କ୍ୟାମ୍ପିଂ ସୁବିଧା ହେବ। ତେବେ ଡ୍ୟାମ୍‌ର ସୁରକ୍ଷା ଏବଂ ନିରାପତ୍ତାକୁ ପ୍ରାଥମିକ ଦିଆଯିବ। ଏହିକ୍ରମରେ ଡ୍ୟାମ୍‌ର ଉପରମୁଣ୍ଡରେ କୌଣସି ସ୍ଥାୟୀ ନିର୍ମାଣକୁ ଅନୁମତି ଦିଆଯିବ ନାହିଁ। ଡ୍ୟାମ୍‌ର ତଳ ସ୍ରୋତରେ ୨୦୦ ମିଟର ଦୂରତା ପର୍ଯ୍ୟନ୍ତ ବିକାଶ କାମ କରାଯିବ। ଡଙ୍ଗା, ପହଁରିବା, ମତ୍ସ୍ୟଜୀବୀ, ପକ୍ଷୀ ଦେଖିବା ଏବଂ ଗାଧୋଇବା ଭଳି ଜଳକ୍ରୀଡାକୁ ଡ୍ୟାମର ଅପଷ୍ଟ୍ରିମ ଏବଂ ଜଳଭଣ୍ଡାରର ସ୍ପିଲୱେର ୧୦୦ ମିଟର ଦୂରତା ମଧରେ ଅନୁମତି ଦିଆଯିବ ନାହିଁ। ସୁରକ୍ଷା ଦୃଷ୍ଟିକୋଣ ପାଇଁ ପର୍ଯ୍ୟଟନ କାର୍ଯ୍ୟକଳାପରେ ଡ୍ୟାମ୍ ବନ୍ଧ ଗମନାଗମନ ଭାବେ ବ୍ୟବହୃତ ହେବ ନାହିଁ। ସଙ୍ଗୀତର ଶବ୍ଦ ସର୍ବାଧିକ ୬୦ଡିବି ସୀମା ମଧରେ ସୀମିତ ରହିବ। ଫଳରେ ଏହା ଜଳଜୀବ ଏବଂ ପକ୍ଷୀମାନଙ୍କ ପାଇଁ କୌଣସି ବ୍ୟାଘାତ ସୃଷ୍ଟି କରିବ ନାହିଁ। ଏହାସହ ସେହି ଅଞ୍ଚଳର ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ। ଜଳ କ୍ରୀଡା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପରେ ଯଦି କୌଣସି ଦୁର୍ଘଟଣା ହୁଏ ସେଥିପାଇଁ ଜଳ ସମ୍ପଦ ବିଭାଗ ଦାୟୀ ରହିବ ନାହିଁ ଭଳି ଅନେକ ଗାଇଡ୍‌ଲାଇନ ପ୍ରସ୍ତୁତ ହୋଇଛି।

ସୂଚନାଯୋଗ୍ୟ, ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜଳାଶୟ କିସମ ଜମିକୁ ସୁରକ୍ଷା କରିବାକୁ ୨୦୧୮ ଜାନୁଆରୀରେ ଆରଡିସିଙ୍କ ଅଧକ୍ଷତାରେ ଏକ କମିଟି ଗଠିତ ହୋଇଥିଲା। ଏଥିରେ ଜିଲାପାଳ ଆବାହକ, ଆଞ୍ଚଳିକ ଅଧିକାରୀ, ନିର୍ବାହୀ ଅଧିକାରୀ, ଉନ୍ନୟନ ପରିଷଦର ଯୋଜନା ଅଧିକାରୀ ପ୍ରମୁଖ ସଭ୍ୟ ରହିଛନ୍ତି। ଏହି ନିଷ୍ପତ୍ତିର ୪ ବର୍ଷ ଅତିକ୍ରାନ୍ତ ହୋଇ ସାରିଛି। ହେଲେ ପୋତା ଯାଇଥିବା ଜଳାଶୟ କିସମ ଜମି ଏଯାଏ ଚିହ୍ନଟ ହୋଇ ପାରିନାହିଁ କିମ୍ବା ପୋଖରୀଗୁଡିକର ସୁରକ୍ଷା ଓ ସଂରକ୍ଷଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଉଦ୍‌ବେଗର ବିଷୟ ହୋଇଛି।

## ସଂକ୍ଷେପରେ

### ବଜ୍ରପାତରେ ଗର୍ଭବତୀ ଗୁରୁତର

ଝରିଗାଁ, ୨୩।୬(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କାଠବେଡ଼ା ଗ୍ରାମର ଜଣେ ଗର୍ଭବତୀ ବଜ୍ରପାତରେ ଗୁରୁତର ହୋଇଛନ୍ତି। ସେ ହେଲେ କୁଞ୍ଜବାଇ ଧରୁଆ(୩୦)। କୁଞ୍ଜବାଇ ଗୁରୁବାର ସକାଳୁ ପ୍ରାୟ ୯ଟାରେ ଘର ପାଖରେ ଛିଡା ହୋଇଥିବାବେଳେ ହଠାତ ବଜ୍ରପାତ ହୋଇଥିଲା। ସେ ଘଟଣାସ୍ଥଳେ ଅଚେତ ହୋଇପଡିଥିଲେ। ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ କୁଞ୍ଜବାଇଙ୍କୁ ଝରିଗାଁ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁଞ୍ଜବାଇଙ୍କୁ ଅକ୍ସିଜେନ ଦେବା ସହ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ କୁଞ୍ଜବାଇଙ୍କର ଚେତା ନ ଫେରିବା ସହ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଦୁର୍ଯ୍ୟୋଧନ ଭତ୍ରା ଡାବୁଗାଁ ଲ୍ୟାମ୍ପସ ସଭାପତି

ଡାବୁଗାଁ, ୨୩।୬ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାରେ ଥିବା ଲ୍ୟାମ୍ପସ ସଭାପତିଭାବେ ଗିର୍ଲିଗୁଡ଼ା ଗ୍ରାମର ପୂର୍ବତନ ଲ୍ୟାମ୍ପସ ସଭାପତି ଇନ୍ଦ୍ର ଭତ୍ରାଙ୍କ ପୁଅ ଦୁର୍ଯ୍ୟୋଧନ ଭତ୍ରା। ଏହି ଅବସରରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଡାବୁଗାଁ ଗ୍ରାମ ପଞ୍ଚାୟତ ବିଜେଡି ସଭାପତି ତଥା ପୂର୍ବତନ ସରପଞ୍ଚ ଜି.ପ୍ରକାଶ ରାଓ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଏମ୍. ପ୍ରସାଦ ରାଓ, ଜଗନ୍ନାଥ ରେଲି,ରାଜା ରାଓ ପ୍ରମୁଖଙ୍କ ଉପସ୍ଥିତିରେ ନିର୍ବାଚନ ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକ ଫଳାଫଳ ଘୋଷଣା କରିଥିଲେ। ଲ୍ୟାମ୍ପସ ଶାଖା ପରିଚାଳକ ଆର୍ ଶଙ୍କର ରାଓ ଓ ଲ୍ୟାମ୍ପସ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଜେଡି ଓ ଲ୍ୟାମ୍ପସ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି।

### କେନାଲରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଧରାକୋଟ,୨୩।୬(ଡି.ଏନ୍.ଏ.):** ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ଗ୍ରାମ ଋଷିକୁଲ୍ୟା କେନାଲରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୁଣ୍ଡମରାଇ ଗ୍ରାମର କନ୍ଧ ସାହୁ(୬୭)। ଗତ ବୁଧବାର ଭୋରରେ ବୃଦ୍ଧ ଜଣକ କେନାଲକୁ ନିତ୍ୟକର୍ମ ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ମୁମୂର୍ଷୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଧରାକୋଟ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ.୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୮ ଅଟକ

**କାଶୀନଗର,୨୩।୬:** କାଶୀନଗର ପୋଲିସ ହାଡ୍ଡୁଭାଙ୍ଗି ପଞ୍ଚାୟତ କାର୍ଯ୍ୟାଳୟ ପଛପଟେ ଚାଲିଥିବା ଏକ ଜୁଆଖେଳ ଉପରେ ଚଢ଼ାଉ କରିଥିଲା। ସେଠାରୁ ୮ ଜଣଙ୍କୁ କାବୁ କରାଯାଇ ଥାନାରେ ଅଟକ ରଖାଯାଇଛି। ଅଭିଯୁକ୍ତମାନଙ୍କ ଠାରୁ ୮,୩୩୦ ଟଙ୍କା, ତାସ ମୁଠା ଓ ପାଲ ଆଦି ଜବତ କରାଯାଇଛି।

# ଅସରାଏ ବର୍ଷାରେ ସ୍କୁଲ ପରିସର ଜଳମଗ୍ନ

**ଖଣ୍ଡପଡ଼ା,୨୩।୬ (ସ୍ୱ.ପ୍ର.)**


ସ୍କୁଲ ପରିସରରେ ବର୍ଷା ପାଣି ଜମି ରହିଛି ।

କିଛିଦିନ ତଳେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ମହାସମାରୋହରେ ପାଳନ କରାଯାଇଥିଲା । ମୋ ସ୍କୁଲ କମିଟି ଏବଂ ପୂର୍ତ୍ତ ବିଭାଗ ପକ୍ଷରୁ ବିଦ୍ୟାଳୟରେ ଅନେକ ଉନ୍ନୟନ ମୂଳକ କାମ ହୋଇଥିଲା । ହେଲେ ଜଳ ନିଷ୍କାସନ ପାଇଁ ସେତେବେଳେ ଧ୍ୟାନ ଦିଆଯାଇ ନ ଥିଲା । ଏବେ ଅସରାଏ ବର୍ଷା ହେଲେ ସ୍କୁଲ ପରିସର ଜଳମଗ୍ନ ହୋଇଯାଉଛି । ବର୍ଷାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଫଳରେ ଛାତ୍ରୀଛାତ୍ରଙ୍କ ଠାରୁ ଆରମ୍ଭ କରି ଶିକ୍ଷୟିତ୍ରୀ,ଶିକ୍ଷକମାନେ ଏଥିପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ପାଳନ ଅବସରରେ ପୂର୍ତ୍ତ ବିଭାଗ ପକ୍ଷରୁ ବିଦ୍ୟାଳୟ ସମ୍ମୁଖ ଅଂଶ ସିମେଣ୍ଟ କଂକ୍ରିଟକରଣ ହୋଇ ଥିଲେ ମଧ୍ୟ ଜଳ ନିଷ୍କାସନ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି । ଆଗକୁ ବର୍ଷାଋତୁ ଆସୁଥିବାରୁ ସଙ୍ଗୀନ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି । ଗତ କିଛି ଦିନ ହେଲା ବର୍ଷା ଆରମ୍ଭ ହୋଇ ଯାଇଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମି ରହିଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ଏ ସମ୍ପର୍କରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତେବେ ଏ ସମ୍ପର୍କରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ପ୍ରଦୀପ କୁମାର ପରିଡ଼ାଙ୍କ ସହ ଯୋଗାଯୋଗ କରିବାରେ ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ପ୍ରକାଶ କରିଛନ୍ତି ।

# ସଂଗ୍ରାମୀଙ୍କ ଗାଁରେ ପାଟଶାଣୀ

**ନୂଆଗାଁ,୨୩।୬ (ଡି.ଏନ୍.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପାରାଡ଼ିପି ପଞ୍ଚାୟତର ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁ ଥୁଆବାରୀକୁ ଗୁରୁବାର ଭୁବନେଶ୍ୱରର ପୂର୍ବତନ ଏମ୍‌ପି ତଥା କବି ପ୍ରସନ୍ନ କୁମାର ପାଟଶାଣୀ ପରିଦର୍ଶନରେ ଆସିଥିଲେ। ନୟାଗଡ଼ ଜିଲାର ଥୁଆବାରୀ ଗ୍ରାମର ଅନେକ ପରିବାର ସଦସ୍ୟ ସ୍ୱାଧୀନତା ସଂଗ୍ରାମରେ ନିଜ ଜୀବନକୁ ଝାସ ଦେଇଥିଲେ। ସେମାନେ ଆଜି ପ୍ରଶାସନ ନିକଟରେ ଅଲୋଡ଼ା ହୋଇ ରହିଛନ୍ତି। ସେହି ସଂଗ୍ରାମୀମାନଙ୍କ ଉତ୍ତରଦାୟାଦମାନଙ୍କୁ ସରକାର ଅଣଦେଖା କରି ଆସୁଛନ୍ତି। ସେମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ଉତ୍ତରଦାୟାଦ ବୋଲି ଏ ପର୍ଯ୍ୟନ୍ତ ପ୍ରମାଣ ପତ୍ରଟିଏ ସରକାରଙ୍କ ତରଫରୁ ପାଇନାହାନ୍ତି। ଏ ନେଇ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ଥିବା ବେଳେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ଆମ ପାଇଁ ନମସ୍ୟ ବୋଲି ଥୁଆବାରୀ ଗ୍ରାମକୁ ପରିଦର୍ଶନରେ ଆସି ପାଟଶାଣୀ କହିଛନ୍ତି। ସେ ଗ୍ରାମରେ ପହଞ୍ଚି ପ୍ରଥମେ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ସେ ଶହୀଦ ଭବନରେ ପହଞ୍ଚି ଗ୍ରାମବାସୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ପାରାଡ଼ିପି ସମିତି ସଭ୍ୟଙ୍କ ପ୍ରତିନିଧି ତଥା ସାମାଜିକ କର୍ମୀ ଶଙ୍କର୍ଷଣ ବେହେରା, ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ, ଉଦୟପୁର ଦାଶରଥି ସଂଗ୍ରହାଳୟର ସମ୍ପାଦକ ତଥା ଦାଶିଆ ଅଜାଙ୍କ ନାତି ଦୀପକ କୁମାର ପଟ୍ଟନାୟକଙ୍କ ସମେତ ଥୁଆବାରୀ ଗ୍ରାମବାସୀ ଉପସ୍ଥିତ ଥିଲେ।


ଶହୀଦ ଭବନରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ସହ ଅନ୍ୟମାନେ ।

# ରଥଯାତ୍ରା ପୂର୍ବରୁ ନୟାଗଡ଼ରୁ ପୁରୀକୁ ଗଡ଼ିବନି ଟ୍ରେନ

**ନୟାଗଡ଼ ଅଫିସ,୨୩।୬**

**ସ୍ୱତନ୍ତ୍ର ଟ୍ରେନରେ ରଥଯାତ୍ରା ଦର୍ଶନ**

ଚଳିତ ବର୍ଷ ରଥଯାତ୍ରା ଉପଲକ୍ଷେ ପୂର୍ବତଟ ରେଳ ବିଭାଗ ପକ୍ଷରୁ ପୁରୀକୁ ସ୍ୱତନ୍ତ୍ର ରେଳ ଚଳାଚଳ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । କେବଳ ରଥଯାତ୍ରା,ସନ୍ଧ୍ୟାଦର୍ଶନ, ବାହୁଡ଼ା ଏବଂ ସୁନାବେଶ ଦିନ ଏହି ସ୍ୱତନ୍ତ୍ର ଟ୍ରେନ ଚାଲିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଅନ୍ୟ ଦିନରେ ନୟାଗଡ଼ ଜିଲାରୁ ପୁରୀ ଯିବା ପାଇଁ ଟ୍ରେନ ବ୍ୟବସ୍ଥା ନାହିଁ। ପୁରୀକୁ ଟ୍ରେନ ଚଳାଚଳ ପାଇଁ ପୂର୍ବରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ରେଳ ବିଭାଗ ଶୁଣିଲେ ନାହିଁ ବୋଲି ଅଭିଯୋଗ ହୋଇଛି । ଏହି ପ୍ରସଙ୍ଗ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। କୋଭିଡ୍ ଯୋଗୁ ଗତ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପୁରୀକୁ ରେଳ ଚଳାଚଳ ବନ୍ଦ ରହିଥିଲା। ତେବେ ରଥଯାତ୍ରା ପୂର୍ବରୁ ପୁନଃ ଟ୍ରେନ ଚଳାଚଳ ପାଇଁ ଜିଲାବାସୀ ଆଶା ବାନ୍ଧି ଥିଲେ । ହେଲେ ବିଭାଗ ପକ୍ଷରୁ ଜିଲାବାସୀଙ୍କୁ ପ୍ରତାରଣା କରା ଯାଇଥିବା ନେଇ ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ନୟାଗଡ଼ରୁ ଭୁବନେଶ୍ୱରକୁ ନିୟମିତ ରେଳ ଚଳାଚଳ କରୁଥିବା ବେଳେ କ'ଣ ପାଇଁ ପୁରୀକୁ ରେଳ ଗଡୁନି ବୋଲି ଜିଲାବାସୀ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ନୂଆଗାଁ ରେଳ ଷ୍ଟେଶନ ସମ୍ପୂର୍ଣ୍ଣ ହୋଇ ଗତ ୨୦ ତାରିଖରେ ରେଳମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ହେବା ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା । ହେଲେ ଶେଷ ମୁହୂର୍ତ୍ତରେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ବାତିଲ କରାଯାଇଥିଲା । ନୂଆଗାଁ ଷ୍ଟେଶନ ଉଦଘାଟିତ ହୋଇଥିଲେ ପୁରୀକୁ ନିୟମିତ ଭାବେ ରେଳ ଚଳାଚଳ ହୋଇଥାନ୍ତା ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ମାତ୍ର ଗୁରୁବାର ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ପୁରୀକୁ କେବଳ ରଥଯାତ୍ରା ଅବସରରେ ସ୍ୱତନ୍ତ୍ର ଟ୍ରେନ ମାତ୍ର ୩ ଦିନ ପାଇଁ ଚାଲିବ ବୋଲି ସୂଚନା ଦିଆଯାଇଛି।

### ୭୨ ପିଲାଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର

**ପଦ୍ମପୁର, ୨୩।୬ (ଡି.ଏନ୍.ଏ.)**

ରାୟଗଡ଼ା ଜିଲାର ପଦ୍ମପୁର ବିଜୁ କଲ୍ୟାଣ ମଣ୍ଡପରେ ଗୁରୁବାର ଦିବ୍ୟାଙ୍ଗ ଚିହ୍ନଟ ଓ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଏକ ସଭାର ଆୟୋଜନ କରାଯାଇଥିଲା। ବ୍ଲକ ଅଧକ୍ଷ ମଣିମାଳା ଶବର ଓ ପଦ୍ମପୁର ବିଡିଓ ରୀନା ପ୍ରଧାନ ଶିବିର ଶୁଭାରମ୍ଭ କରିଥିଲେ। ବର୍ଷା ଦିନରେ ଅନେକ ସଂକ୍ରମଣ ରୋଗ ବ୍ୟାପେ। ଦିବ୍ୟାଙ୍ଗ ପିଲାଙ୍କୁ ଏହି ସଂକ୍ରମଣରୁ କିପରି ରକ୍ଷା କରି ସେମାନଙ୍କ ଯତ୍ନ ନେବାକୁ ହେବ ସେ ସମ୍ପର୍କରେ ବିଡିଓ ଅଭିଭାବକଙ୍କୁ ବୁଝାଇଥିଲେ। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋରାପୁଟରୁ ଶିଶୁ ବିଶେଷଜ୍ଞ ସୁଦେଷ୍ଣା ଘୋଷ, ଅଞ୍ଜନା ପଣ୍ଡା, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପ୍ରିୟବ୍ରତ ମଣ୍ଡଳ ଯୋଗଦେଇ ୭୨ ଶିଶୁଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟ ପ୍ରସାଦ ମିଶ୍ର, ସୌମ୍ୟ ପ୍ରକାଶ ନାୟକ, ପଦ୍ମପୁର ବ୍ଲକ ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ପିଏ ଉତ୍ତମ ବେହେରା, ଡିଡି ଆରଉ୍ଓ ପ୍ରମୋଦିନୀ କୁଣ୍ଡୁ, ଏମ୍‌ଆର୍‌ଡବ୍ଲ୍ୟୁ ସୁଦେଷ୍ଣା ଘୋଷ, ଅଞ୍ଜନା ପଣ୍ଡା ଓ ସ୍ଥାନୀୟ ପୋଲିସ ଉପସ୍ଥିତ ଥିଲେ।

# ବିପୁଳ ପରିମାଣର ରଡ଼ ଜବତ

**ରଣପୁର,୨୩।୬ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଠାରୁ ମାତ୍ର ୫ଶହ ମିଟର ଦୂର ଚମ୍ପାଗଡ଼ ନିକଟ ରୟାଲ କଟେଜ ପଛ ପଟେ ଦୀର୍ଘ ଦିନ ହେଲା ଚୋରା ଲୁହା ରଡ଼, ପେଟ୍ରୋଲ, ଡିଜେଲ,ଓ ମଦ କାରବାର ଚାଲୁଥିବା ଅଭିଯୋଗ ହୋଇଥିଲା । ଏସ୍‌ପି ଅଲେଖ କୁମାର ପହିଙ୍କ ନିର୍ଦ୍ଦେଶରେ ସେଠାରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ରଡ ସହିତ ଦୁଇଟି ୧୮ ଚକିଆ ଟ୍ରକ ଜବତ କରାଯାଇଥିଲା । ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଏ କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର ଚୋରା ଚାଲାଣ ହେଉଥିବା ରଡ ଓ ବିଭିନ୍ନ ସାମଗ୍ରୀ ସହିତ ଏକ ଗାଡିକୁ ପୋଲିସ ଜବତ କରିଛି । ଜବତ ହୋଇଥିବା ରଡ଼ର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପୋଲିସ କହିଛି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ଜବତ ହୋଇଥିବା ରଡ଼ ।

# ବଳରାମ ଯୋଜନା ଉପରେ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥି ।

**ଭାପୁର,୨୩।୬ (ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ସଭାଗୃହରେ ଗୁରୁବାର ଅପରାହ୍ନରେ ଭାପୁର ତହସିଲଦାର ତୃପ୍ତି ମହାନ୍ତିଙ୍କ ଅଧ୍ୟକ୍ଷତାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବଳରାମ ଯୋଜନାର କାର୍ଯ୍ୟକାରିତା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବଳରାମ ଯୋଜନାରେ କୃଷକମାନେ କିପରି ଲାଭବାନ ହୋଇପାରିବେ ସେ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ଏହି କର୍ମଶାଳାରେ ଭାପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସାହୁ, ବ୍ଲକ କୃଷି ଅଧିକାରୀ ବିରଞ୍ଚି ନାରାୟଣ ମଙ୍ଗରାଜ, କୃଷି ଜିଲା ଅଧିକାରୀ ଜାନକୀ ବଲ୍ଲଭ ମହାପାତ୍ର, ଆସିଷ୍ଟାଣ୍ଟ ଇଞ୍ଜିନିୟର ଅଫିସର ରାଜଶ୍ରୀ ସାହୁ, ଆତ୍ମା କମିଟିର ଅଧ୍ୟକ୍ଷ, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ, ଭାପୁର ଗ୍ରାମ୍ୟ ବ୍ୟାଙ୍କ ଓ କରବର ଗ୍ରାମ୍ୟ ବ୍ୟାଙ୍କର କର୍ମଚାରୀ ଓ କୃଷକ ସାଥି ଉପସ୍ଥିତ ଥିଲେ ।

# କରଜ ଟଙ୍କାକୁ ନେଇ କାତିରେ ଆକ୍ରମଣ

**ଦିଗପହଣ୍ଡି,୨୩।୬(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ପଞ୍ଚାୟତ ଲକ୍ଷ୍ମୀ ନାରାୟଣପୁର ଗାଁରେ କରଜ ଟଙ୍କା ମାଗିବାରୁ ଜଣେ ବ୍ୟକ୍ତିଙ୍କୁ କାତିରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ଗାଁର ଏସ.କାମରାଜ ଦୋରା ଆହତ ହୋଇଛନ୍ତି। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଏ ନେଇ ସେ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ନଂ.୨୨୨/୨୨ରେ ମାମଲା ରୁଜୁ କରିଛି। ବୁଧବାର ଅଭିଯୁକ୍ତଙ୍କୁ କାମରାଜ ତାଙ୍କ ବକେୟା କରଜ ଟଙ୍କା ମାଗିବାରୁ ସେ ଉତ୍ତେଜିତ ହୋଇ ଗାଳି ଗୁଲଜ କରିଥଲେ। କାମରାଜ ଘର ବାରଣ୍ଡାରେ ବସିଥିବା ବେଳେ ଅଭିଯୁକ୍ତ ଏକ ଠେଙ୍ଗା ଏବଂ କାତି ଧରି ଆସି ଚୋଟପକାଇ ଦୌଡ଼ି ପଳାଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ପରିବାର ଲୋକେ କାମରାଜଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗିରଫ ଭୟରେ ଅଭିଯୁକ୍ତ ଗ୍ରାମରୁ ଫେରାର ଥିବା ବେଳେପୋଲିସଏନେଇତଦନ୍ତଚଳାଇଛି।

### ଆନ୍ଧ୍ରକୁ ବେଧଡ଼କ କାଠ ଚାଲାଣ

**କାଶୀନଗର,୨୩।୬**

ଗଜପତି ଜିଲା କାଶୀନଗର ବନାଞ୍ଚଳ ରେଞ୍ଜ କାର୍ଯ୍ୟାଳୟ ସହରଠାରୁ ୮ କିମି ଦୂର ଲକ୍ଷ୍ମୀପୁରଠାରେ ସ୍ଥାପିତ ହୋଇଛି। କାଶୀନଗର ଫରେଷ୍ଟ ଛକଠାରେ ଥିବା ଫରେଷ୍ଟ କାର୍ଯ୍ୟାଳୟରେ ଜଣେ ମାତ୍ର ଫରେଷ୍ଟ ଗାର୍ଡ଼ ରହିଛନ୍ତି। ଏହାର ସୁଯୋଗ ନେଇ ଦୈନିକ ଆନ୍ଧ୍ରକୁ ଟ୍ରକରେ କାଠ ଚୋରାଚାଲାଣ ହେଉଛି। କାଠଚାଲାଣକାରୀ କାଁ ଭାଁ କେବଳ ପୋଲିସ ପାଟ୍ରୋଲିଂ ବେଳେ ଧରାପଡୁଛନ୍ତି।

### ଜଳଶକ୍ତି ଅଭିଯାନ ପକ୍ଷରୁ ସଚେତନତା

**ନୟାଗଡ଼ ଅଫିସ,୨୩।୬**

ରଣପୁର ବ୍ଲକର ଦର୍ପନାରାୟଣପୁରରେ ଜଳ ଶକ୍ତି ଅଭିଯାନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଜଳ ପ୍ରବନ୍ଧନ ସଂସ୍ଥାନ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସ୍ଥାନର ବୈଜ୍ଞାନିକ ଅଶୋକ କୁମାର ନାୟକ, ସନାତନ ପ୍ରଧାନ, ଦେବବ୍ରତ ସେଠୀ, ଅଜିତ କୁମାର ନାୟକ ଓ ବିଶ୍ୱ ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇ ଉନ୍ନତ କୃଷି ଉତ୍ପାଦନ ପାଇଁ ଜଳ ପ୍ରବନ୍ଧନର ଆଧୁନିକ ପ୍ରଣାଳୀ ଉପରେ ଚାଷୀଙ୍କୁ ବୁଝାଇଥିଲେ । ବୈଜ୍ଞାନିକ ରବୀନ୍ଦ୍ର କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରି କେନାଲ ଅଟୋମେଶନ ପ୍ରୋଜେକ୍ଟ ଓ ସହ ସମନ୍ୱିତ ଜଳ ଉପଯୋଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏଥିରେ ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ସେମାନଙ୍କ ସୁବିଧା ଅସୁବିଧାକୁ ଉପସ୍ଥାପନ କରାଯାଇଥିଲା ।


ସଚେତନତା କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀଙ୍କ ସହ ଚାଷୀମାନେ ।

# ୩ ଦିନରେ ବିବାଦୀୟ ରାସ୍ତା ନିର୍ମାଣ ଶେଷ

**ନୟାଗଡ଼ ଅଫିସ,୨୩।୬**


ପୋଲିସ ଫୋର୍ସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରାସ୍ତା ନିର୍ମାଣ ଚାଲିଛି ।

- ୧ ବନାମ ୧୭ ଖଣ୍ଡ ଗାଁ ବିବାଦ
- ରାସ୍ତା ନିର୍ମାଣ ପାଇଁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ସବୁଜ ସଙ୍କେତ

ରାସ୍ତା ନିର୍ମାଣ ପାଇଁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ସବୁଜ ସଙ୍କେତ ପାଇବା ପରେ ନୟାଗଡ଼ ଜିଲା ପ୍ରଶାସନ ୧ ବନାମ ୧୭ ଖଣ୍ଡ ଗାଁ ମଧ୍ୟରେ ଲାଗି ରହିଥିବା ବିବାଦୀୟ ବଳଭଦ୍ରପୁର ଓ ଢ଼ିପମାଳ ୩ କି.ମି. ରାସ୍ତାକୁ ନିର୍ମାଣ କରିବାରେ ସଫଳ ହୋଇଛି । ଗତ ୨୧ ତାରିଖରେ ଆରମ୍ଭ ହୋଇଥିବା ଗୁଡୁପାଲିର ଗ୍ରାମ୍ୟ ଜଙ୍ଗଲ ମଧ ଦେଇ ରାସ୍ତା କାମ ୨୩ ତାରିଖରେ ଶେଷ ହୋଇଛି । ରାସ୍ତା ନିର୍ମାଣ ପାଇଁ ୧୪୪ ଧାରା ଜୁନ ୧୬ରୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଲାଗୁ ହୋଇଛି । ୩ ଦିନ ଧରି ୩ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇ ରାସ୍ତା ନିର୍ମାଣ କରାଯାଇଥିଲା । ଘଟଣା ସ୍ଥଳରେ ଉପଜିଲାପାଳ ଲଗ୍ନଜିତ ରାଉତ୍, ନୂଆଗାଁ ତହସିଲଦାର, ନୂଆଗାଁ ବିଡିଓ, ନୟାଗଡ଼ର ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ ଓ ବିଦ୍ୟୁତ୍ ପଣ୍ଡା, ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦୁ ସିଂ, ୩ ଡିଏସ୍‌ପି, ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

ବଳଭଦ୍ରପୁର ଓ ଢ଼ିପମାଳକୁ ରାସ୍ତା ନିର୍ମାଣ ବିବାଦର ମୂଳ କାରଣ ଥିଲା। ଜଙ୍ଗଲ ମଧ୍ୟରେ ରାସ୍ତା ବନ୍ଦ କରିବା ଓ ରାସ୍ତା କରିବା ପରି ଦାବି ନେଇ ମାଳିସାହି, ଢ଼େଙ୍କେଣା ଓ ଖଣ୍ଡୁଗାଁ ଆଦି ୩ ପଞ୍ଚାୟତର ୧ ବନାମ୧୭ ଖଣ୍ଡ ଗାଁର ଲୋକଙ୍କ ମଧ୍ୟରେ ୫ ବର୍ଷ ହେଲା ବିବାଦ ଲାଗି ରହିଛି । ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଉଭୟ ଗାଁକୁ ବୁଝାଶୁଝା କରିଥିଲେ ମଧ ସୁଫଳ ମିଳି ନ ଥିଲା ।

### ରାସ୍ତା ନିର୍ମାଣରେ ବଳିପଡ଼ିଲା ୫୦୦ ଛୋଟ ଗଛ

ଗୁଡୁପାଙ୍ଗି ଗାଁ ସଭାପତି ଦିଲ୍ଲୀପ ନାୟକ କୁହନ୍ତି, ପ୍ରଶାସନ ପକ୍ଷରୁ ୩ ଦିନ ହେଲା ନିର୍ମାଣ ଚାଲିଥିବା ବଳଭଦ୍ରପୁର ଓ ଢ଼ିପମାଳ ୩ କି.ମି. ରାସ୍ତାରେ ପ୍ରାୟ ୫୦୦ ଛୋଟ ଗଛ ନଷ୍ଟ ହୋଇଛି । ଗତ ବର୍ଷ ଏଠାରେ ଚାରା ରୋପଣ ହୋଇଥିଲା। ରାସ୍ତା ନିର୍ମାଣ ନେଇ ପୋଲିସର ଅନୁରୋଧ କ୍ରମେ ଗାଁ ଲୋକମାନେ ନୀରବ ଅଛନ୍ତି । ତେବେ ଗଛ ନଷ୍ଟ କରି ଜଙ୍ଗଲ ମଧ୍ୟରେ ରାସ୍ତା ନେବା ଠିକ ହେଲା ନାହିଁ ବୋଲି ସେ କହିଛନ୍ତି ।

ଗଛ ନଷ୍ଟ ହେବା ନେଇ ୧୭ ଖଣ୍ଡ ଗାଁର କେତେଜଣ ଲୋକ ନିଜ ନାମ ଗୋପନ ରଖି କହିଛନ୍ତି, ଜଙ୍ଗଲରେ ପୂର୍ବରୁ ରାସ୍ତା ଥିଲା । ଏହି ରାସ୍ତାରେ ଯିବା ଆସିବା କରାଯାଉଥିଲା । ଗୁଡୁପାଙ୍ଗି ଲୋକ ରାସ୍ତା ନିର୍ମାଣକୁ ବିରୋଧ କରି ଗଛ ଲଗାଇ ଦେଇଥିଲେ । ଗଛ ପ୍ରଶାସନର ହସ୍ତକ୍ଷେପ ପରେ ପୁଣି ରାସ୍ତା ଫିଟିଛି । ୧୮ ଖଣ୍ଡ ଗାଁ ପାଇଁ ଏହା ଶୁଭ ଖବର । ୧୭ ଖଣ୍ଡ ଗାଁ ତରଫରୁ ଦେବରାଜ ବରାଡ କୁହନ୍ତି, ପ୍ରଶାସନ ପକ୍ଷରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ଶେଷ ହେବା ପରେ ଖୁସି ଲାଗୁଛି । ୧୭ ଖଣ୍ଡ ଗାଁ ଲୋକଙ୍କ ବହୁ ଦିନର ଦାବି ପୂରଣ ହୋଇଛି । ତେବେ ଗୁଡୁପାଙ୍ଗି ସହ ଆମର ସମ୍ପର୍କ ଭଲ ରହିବ ବୋଲି କହିଛନ୍ତି । ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟ କୁହନ୍ତି, ୩ କି.ମି. ରାସ୍ତାର ପ୍ରାରମ୍ଭିକ କାର୍ଯ୍ୟ ଶେଷ ହୋଇଛି । ବଳଭଦ୍ରପୁରରୁ ଢ଼ିପମାଳକୁ ରାସ୍ତା ଫିଟିଛି । ରଥଯାତ୍ରା ପାଇଁ ଫୋର୍ସ ଚାଲି ଯାଇଥିବାରୁ ପରବର୍ତ୍ତୀ ସମୟରେ ରାସ୍ତାର ପୂର୍ଣ୍ଣାଙ୍ଗ କାମ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ଆହତ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୩।୬:** ବଜ୍ରପାତରେ ଗୁରୁତର ଆହତ ହୋଇ ଚିକିତ୍ସିତ ଅବସ୍ଥାରେ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର ହୋଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ବଳରାମ ବିନ୍ଧାଣି (୩୨)ଓ ତାଙ୍କ ଘର କୋରାପୁଟ ଜିଲା କୋଟପାଡ଼ ଥାନା ଅନ୍ତର୍ଗତ କୁରୁମାକୋଟ ବୋଲି ପୋଲିସ କହିଛି। ମେଡିକାଲ ଫାଣ୍ଡି ପୋଲିସ ଗୁରୁବାର ମୃତଦେହ ଜବତ କରି ନଂ.୩୪୧/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା କହିଛି। ବଳରାମ ଘର କାମ ପାଇଁ ଗତ ୧୫ ତାରିଖରେ ଇଟା ପ୍ରସ୍ତୁତ କରୁଥିଲେ। ଘଟଣା ଦିନ ଅପରାହ୍ନରେ ହଠାତ୍ ବର୍ଷା ଓ ବଜ୍ରପାତ ହୋଇଥିଲା। ସେଥିରେ ସେ ଜମିରେ ଅଚେତ ହୋଇ ପଡ଼ିଥିଲେ। ନିକଟରେ ଥିବା ଅନ୍ୟ ଲୋକମାନେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବୋରିଗୁମା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କୋରାପୁଟ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଗୁରୁତର ହେବାରୁ ତାଙ୍କୁ ବୁଧବାର ରାତିରେ ଏମ୍‌କେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା।

### ଶର୍ଟ ଶର୍କିଟରୁ ବିଦ୍ୟୁତ୍ ଖୁଣ୍ଟରେ ନିଆଁ



**ଗୋପାଳପୁର,୨୩।୬:** ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷିହାଟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ବଦ୍ୟୁତ ଖୁଣ୍ଟରେ ହଠାତ୍ ନିଆଁ ଜଳୁଥିବା ଦେଖିବାକୁ ମିଳୁଥିଲା। ଗୁରୁବାର ଝିପି ଝିପି ବର୍ଷା ଲାଗି ରହିଥିଲା। ଅପରାହ୍ନ ପ୍ରାୟ ୪ଟାରେ ହଠାତ କନିଷି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟୁତ୍ ଖୁଣ୍ଟର ଏଲଟି ଲାଇନ ହଠାତ ସର୍ଟ ଶର୍କିଟ ଯୋଗୁ ଜଳି ଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ଏହାକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ଖବର ପାଇ କନିଷି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଜିଲାସ୍ତରୀୟ ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲରେ ବାରାକ୍ସ ଓ ଲିଓ ଫୁଟବଲ ଟିମ୍

**ବ୍ରହ୍ମପୁର ଅଫିସ,୨୩।୬:** ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ଓ ବାସ୍କେଟ ବଲ ସଂଘ ମିଳିତ ଅନାକୁଲ୍ୟରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ ଗ୍ରାଉଣ୍ଡଠାରେ ଚାଲିଥିବା ଜିଲାସ୍ତରୀୟ ଲିଗ ଫୁଟବଲ ଟୁର୍ନାମେଣ୍ଟ-୨୦୨୨ ଶୁକ୍ରବାର ଉଦ୍‌ଯାପିତ ହେବ। ଏହି ଟୁର୍ନାମେଣ୍ଟ ଜୁନ ୮ରୁ ଆରମ୍ଭ ହୋଇଥିଲା। ପୂର୍ବରୁ ଜୁନ ୨୧ ରେ ଉଦ୍‌ଯାପିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ବର୍ଷା ଯୋଗୁ ବନ୍ଦ ହୋଇଥିଲା। ଏଥିରେ ବ୍ରହ୍ମପୁର ସମେତ ଜିଲାର ବିଭିନ୍ନ ସ୍ଥାନରୁ ୯ଟି ଦଳ ଅଂଶ ଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ଗ୍ରୁପ ଏରୁ ବାରାକ୍ସ ଫୁଟବଲ ଟିମ ଓ ଗ୍ରୁପ ବିରୁ ଲିଓ କ୍ଲବ ଫୁଟବଲ ଦଳ ଗୋଲାବନ୍ଧ ଫାଇନାଲରେ ପ୍ରବେଶ କରଥିବାବେଳେ ଉଦ୍‌ଯାପନୀ ଦିବସରେ ଏହି ଦୁଇ ଦଳ ମଧ୍ୟରେ ଶେଷ ମ୍ୟାଚ ଅନୁଷ୍ଠିତ ହେବ।

# ୯୮ ଦୋକାନରୁ ୨୧ ହଜାର ଜରିମାନା ଆଦାୟ

**ଜିଲାର ବିଭିନ୍ନ ତମାଖୁ ବିକ୍ରି ଦୋକାନରେ ଚଢ଼ାଉ**

**ବ୍ରହ୍ମପୁର ଅଫିସ,୨୩।୬**

ବ୍ରହ୍ମପୁର ମହାନଗର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ବେଆଇନ ତମାଖୁ ଓ ଧୂମପାନର ବହୁଳ ବିକ୍ରିବଟା ହେଉଛି। ଜିଲାରେ କୋଟପା ଆଇନ କଡାକଡି କରିବା ପାଇଁ ପ୍ରତି ବର୍ଷ ବିଭିନ୍ନ ତମାଖୁ ବିକ୍ରି ଦୋକାନରେ ଯାଞ୍ଚ କରାଯାଉଛି। ଏହି ଚଢ଼ାଉ ପାଇଁ ଏକ ସ୍କ୍ୱାଡ ଗଠନ କରାଯାଇଛି। ଏଥିରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଖାଦ୍ୟ ସୁରକ୍ଷା ଅଧିକାରୀ, ପୋଲିସ, ଅବକାରୀ ବିଭାଗ କର୍ମଚାରୀ ଓ ଡ୍ରଗ୍ସ ଇନ୍ସପେକ୍ଟର ସାମିଲ ରହିଛନ୍ତି। ଜୁନ ୧୭ରେ ମହାନଗର ନିଗମର ୨୫ ଦୋକାନରେ ବେଆଇନ ଭାବେ ବିକ୍ରି ହେଉଥିବା ତମାଖୁ ଓ ଧୂମପାନ ଦୋକାନରେ ଏହି ଟିମ୍ ଚଢାଉ କରିଥିଲା। ସେମାନଙ୍କଠାରୁ ୬୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ୨୧ ତାରିଖରେ ଛତ୍ରପୁରରେ ତମାଖୁ ଓ ଧୂମପାନ ବିକ୍ରି କରୁଥିବା ୩୨ ଦୋକାନରେ ଚଢାଉ କରି ୫୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗତ ୨୨ ତାରିଖରେ ଭଞ୍ଜନଗରରେ ବେଆଇନ ଭାବେ ତମାଖୁ ଓ ଧୂମପାନ ବିକ୍ରି କରୁଥିବା ୪୧ ଦୋକାନରୁ ୯ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଚଳିତ ମାସ ପାଇଁ ତମାଖୁ ଓ ଧୂମପାନ ବିକ୍ରି କରାଯାଉଥିବା ଜିଲାର କେବଳ ଦୁଇଟି ବ୍ଲକ ଓ ବିଏମ୍‌ସିରେ ଚଢ଼ାଉ କରାଯାଇଛି। ଆଗାମୀ ମାସରେ ମଧ୍ୟ ଏହି ଚଢ଼ାଉ ଜିଲାର ଅନ୍ୟ ବ୍ଲକଗୁଡିକରେ କରାଯିବ ବୋଲି ସିଡିଏମ୍‌ଓ ମିଶ୍ର ସୂଚନା ଦେଇଛନ୍ତି। ତମାଖୁ ଓ ଧୂମପାନ ବିକ୍ରି କରୁଥିବା ଦୋକାନରେ ଚଢ଼ାଉ କରାଯିବା ସହ ଲୋକମାନଙ୍କୁ ତମାଖୁ ଓ ଧୂମପାନ ବର୍ଜନ କରିବା ପାଇଁ ସଚେତନ କରାଯାଉଛି ବୋଲି ସିଡିଏମ୍‌ଓ ମିଶ୍ର କହିଛନ୍ତି।

# ୫ ଡକାୟତ ଗିରଫ



ଗିରଫ ଅଭିଯୁକ୍ତ।

**ସୁନା, ରୁପା ଅଳଙ୍କାର ଜବତ**

**ବ୍ରହ୍ମପୁର ଅଫିସ,୨୩।୬**

ବ୍ରହ୍ମପୁର ସଦର ଥାନା ପୋଲିସ ବୁଧବାର ରାତିରେ ବାଲିପଡାକଠାରେ ବ୍ଲକିଂ କରୁଥିଲା। ପଦରବାଲି ଛକରେ ଥିବା ବିଶ୍ରାମଗାରରେ କେତେକ ଦୁର୍ବୃତ୍ତ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବା ପୋଲିସ ଖବର ପାଇଥିଲା। ସେଠାରେ ଚଢାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ଚେରମାରିଆର ଜି. ରଘୁ ପାତ୍ର, ବୁଗୁଡା ଥାନା ପୋଚାଲୁଣ୍ଡି ଗ୍ରାମର ରାଜେଶ ସାହୁ, ବୁଗୁଡା ବାଲିପଦରର କେ.ଅନିଲ, ଖୋର୍ଦ୍ଧା ଜିଲା ଟାଙ୍ଗି ଥାନା ଅନ୍ତର୍ଗତ ଝିଙ୍କିପଡା ଗ୍ରାମର ବୃନ୍ଦା ପ୍ରଧାନ ଓ ହରି ପ୍ରଧାନ। ପୋଲିସ ଘଟଣା ସ୍ଥଳରୁ ଦୁଇଟି ଖଣ୍ଡା, ଦୁଇଟି ଲୁହାଛଡ଼, ୪୦ଗ୍ରାମ ସୁନା ଓ ୫୦ଗ୍ରାମର ରୁପା ଅଳଙ୍କାର ଜବତ କରିଛି। ସେମାନଙ୍କୁ ଜେରା ବେଳେ ଗତ ତିନି ସପ୍ତାହ ମଧ୍ୟରେ ସେମାନେ ସଦର ଥାନା ଅନ୍ତର୍ଗତ ରେଡ଼ିଓଷ୍ଟେଶନ ନିକଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ ଚୋରି କରିଥିଲେ। ସେହିପରି ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଓଁ ବିହାରରେ ମଧ୍ୟ ଚୋରି କରିଥିଲେ ବୋଲି ସ୍ୱୀକାର କରିଥିବା ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ ଏକ ପ୍ରେସ ନୋଟରେ ସୂଚନା ଦେଇଛନ୍ତି। ମାମଲା ନମ୍ବର ୨୭୦/୨୨ ରେ ଗିରଫ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

# ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟ ମାନ୍ୟତା ପାଇଁ ସହମତି ଜରୁରୀ




ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶୀ ଗୁରୁଙ୍କ ସମ୍ବର୍ଦ୍ଧନା।

**ବ୍ରହ୍ମପୁର ଅଫିସ,୨୩।୬**

ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ ଓ ନୃତ୍ୟ ଗବେଷଣା କେନ୍ଦ୍ର ଏବଂ ସଂଗୀତ କଳା ନିକେତନର ମିଳିତ ଆନୁକୂଲ୍ୟରେ ବୁଧବାର ସଂସ୍କୃତି ଭବନ ପରିସରରେ ଏକାଦଶତମ ରାଜ୍ୟସ୍ତରୀୟ ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶୀ ସଂଗୀତ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ନାଟ୍ୟକାର ରମାରମଣ ପାଢ଼ୀ ପୌରୋହିତ୍ୟ କରିଥିଲେ। ଗବେଷଣା କେନ୍ଦ୍ର ପ୍ରତିଷ୍ଠାତା ତଥା ସମ୍ପାଦକ ଶଙ୍କର୍ଷଣ ପାତ୍ର ଆଲୋଚନା ଚକ୍ର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆଲୋଚନା ଚକ୍ରରେ ଓଡ଼ିଶୀ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆ, ବଂଶୀଧର ପଣ୍ଡା, ଚନ୍ଦ୍ରମଣି ଲେଙ୍କା, ରବୀନ୍ଦ୍ର ନାଥ ମିଶ୍ର, ରବିଶଙ୍କର ପ୍ରଧାନ, ଆଚାର୍ଯ୍ୟ ସୀମାଞ୍ଚଳ ଦାଶ, ଗୁରୁ ଶତ୍ରୁଘ୍ନ ନାୟକ, ବନ୍ଦିତା ରାୟ, ଅଜୟ ବାରିକ, କେ.ବାଇରି ପାତ୍ର, ଶିବରାମ ରଣା ଓ ଲୋକନାଥ ମହାନ୍ତି ଯୋଗ ଦେଇଥିଲେ। ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟ ମାନ୍ୟତା ସହ ସର୍ବଭାରତୀୟ ସ୍ୱୀକୃତି ନିମନ୍ତେ ଓଡ଼ିଶୀ ସଂଗୀତରେ ସମସ୍ତ ବିଶେଷତା ଓ ସ୍ୱତନ୍ତ୍ରତା ରହିଆସିଛି। ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ଆମ ସଂଗୀତର ଶାସ୍ତ୍ରୀୟତା ପ୍ରତିପାଦନ କରିବାକୁ ଆହୁରି ନିଷ୍ଠାପର ପ୍ରଣାଳୀବଦ୍ଧ ପ୍ରୟାସ ଓ ଗବେଷଣା ହେବା ଆବଶ୍ୟକ ବୋଲି ଓଡ଼ିଶୀ ଗୁରୁମାନେ ମତ ପ୍ରକାଶ କରିଥିଲେ। ଆଲୋଚନାଚକ୍ରରେ ସାଂସ୍କୃତିକ ସଂଯୋଜକ ଡ.ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟ ମୁଖ୍ୟ ଡ.କୁଳମଣି ଓଝା ଆଲୋଚନା ଚକ୍ରରେ ଉପସ୍ଥାପିତ ମତ ଓ ମନ୍ତବ୍ୟର ସାମଗ୍ରିକ ସମୀକ୍ଷା କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବରେ ମେଜର ରମାରମଣ ପାଢୀ ଅଧକ୍ଷତା କରିଥିଲେ। ଏହି ଅବସରରେ ଓଡ଼ିଶୀ ସଂଗୀତରେ ଖ୍ୟାତିସମ୍ପନ୍ନ ଉପଯୁକ୍ତ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ପରିବେଶବିତ୍ ସୁବାସ ମହାରଣା ଓ ଦେବେଶ ସାମନ୍ତରାୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ହରମୋହନ ଖୁଣ୍ଟିଆ, ବେହେଲାରେ ଗୁରୁ ଅଜୟ ବାରିକ, ସିତାରରେ ଗୁରୁ ରବି ଶଙ୍କର ପ୍ରଧାନ ଓ ହାରମୋନିୟମରେ ଗୁରୁ ଶିବରାମ ରଣା ପ୍ରମୁଖ ସହଯୋଗ କରିଥିଲେ।

## ଇଞ୍ଜିନିୟରିଂ ସ୍କୁଲରେ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

**ବ୍ରହ୍ମପୁର ଅଫିସ,୨୩।୬**

ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲର ଜଣେ ଛାତ୍ରଙ୍କୁ ଗୁରୁବାର ମରଣାନ୍ତକ ଆକ୍ରମଣ ହୋଇଛି। ୧୦ରୁ ଅଧିକ ଜୁନିୟର ଓ ସିନିୟର ଛାତ୍ରଙ୍କ ସହ କେତେଜଣ ଅଣଛାତ୍ର ମିଶି ଜଣେ ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ଆକ୍ରମଣ କରି ଚମ୍ପଟ ମାରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ଇଞ୍ଜିନିୟରିଂ ସିଭିଲ ବ୍ରାଞ୍ଚରେ ପଢୁଥିବା ରମ୍ଭା ଅଞ୍ଚଳର ଅଂଶୁମାନ ନାୟକ ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଅଂଶୁମାନ କ୍ଲାସରୁମରେ ଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଡାକି କଥାବାର୍ତ୍ତା ହେବା ପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଅଂଶୁମାନଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ସେ ତଳେ ପଡ଼ିଯିବାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ଏହା ଦେଖି ସେଠାରେ ଥିବା ଅଂଶୁମାନଙ୍କ ସହପାଠୀମାନେ ତାଙ୍କୁ ତୁରନ୍ତ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ଅଂଶୁମାନ ଓ ତାଙ୍କରୁ ୩୦ରୁ ଊର୍ଦ୍ଧ୍ୱ ସହପାଠୀ ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏସପି ବୈଦ୍ୟନାଥପୁର ଥାନାକୁ ଯାଇ ତଲା ଦେବାକୁ କହିଥିଲେ। ଛାତ୍ରମାନେ ଥାନାକୁ ଯାଇ ଅଭିଯୋଗ କରିବା ସହ ଆକ୍ରମଣକାରୀ ଛାତ୍ର ଏବଂ ଅଣଛାତ୍ରଙ୍କ ବିଷୟରେ ସୂଚନା ଦେଇଥିଲେ। ଅଂଶୁମାନଙ୍କୁ କେଉଁ କାରଣରୁ ଆକ୍ରମଣ କରାଯାଇଛି ପୋଲିସ ସ୍ପଷ୍ଟ କରିନାହିଁ।

# ୩ ସୋସାଇଟ ସଭାପତି ଅପ୍ରତିଦ୍ୱନ୍ଦ୍ୱୀ



ବିଜୟୀ ଘୋଷଣା ପତ୍ର ପ୍ରଦାନ କରୁଛନ୍ତି ନିର୍ବାଚନ ଅଧିକାରୀ।

**ବୁଗୁଡ଼ା,୨୩।୬(ଡି.ଏନ.ଏ.)**

ଆସ୍କା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ବୁଗୁଡା ଶାଖା ଅଧୀନରେ ଥିବା ୧୪ ସେବା ସମବାୟ ସମିତି ମଧ୍ୟରୁ ଗୁରୁବାର ଅନ୍ତରପଡା, ପାଙ୍ଗିଡି ଓ ମୋଟାବାଡି ୩ଟି ସେବା ସମବାୟ ସମିତି ସଭାପତି ପଦବୀ ପାଇଁ ୧୧ ଟାରୁ ୧୨ ଟା ମଧ୍ୟରେ ନାମାଙ୍କନ ଦାଖଲ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ତେବେ ସମୟ ସୀମା ମଧ୍ୟରେ ଏହି ସେବା ସମବାୟ ସମିତି ମାନଙ୍କରେ ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବରୁ ସେମାନେ ଅପ୍ରତିଦ୍ୱନ୍ଦ୍ୱୀ ଥିଲେ। ତେଣୁ ଶେଷରେ ଅନ୍ତରପଡାରେ ନିରାକାର ସାମନ୍ତରା, ମୋଟାବାଡ଼ିରେ ପ୍ରବୀର ଚନ୍ଦ୍ର ଆରୁଖ ଏବଂ ପାଙ୍ଗିଡ଼ି ସମବାୟ ସମିତିରେ ନନ୍ଦିନୀ ଭୂୟାଁଙ୍କୁ ସମ୍ପୃକ୍ତ ସୋସାଇଟି ନିର୍ବାଚନ ଅଧିକାରୀମାନେ ବିଜୟୀ ଘୋଷଣା କରି ନିର୍ବାଚିତ ପତ୍ର ପ୍ରଦାନ କରିଥିଲେ।

# ସୂର୍ଯ୍ୟ ମହାରଣା ସଭାପତି ନିର୍ବାଚିତ



ନବ ନିର୍ବାଚିତ ସଦସ୍ୟ ବୃନ୍ଦ ଓ ଅନ୍ୟମାନେ।

**ବିଶ୍ୱକର୍ମା ଶିଳ୍ପ ସମବାୟ ସମିତି ନିର୍ବାଚନ**

**ବ୍ରହ୍ମପୁର ଅଫିସ,୨୩।୬**

ବ୍ରହ୍ମପୁର ହରିଡାଖଣ୍ଡିଠାରେ ଥିବା ବିଶ୍ୱକର୍ମା ଶିଳ୍ପ ସମବାୟ ସମିତି ଲିମିଟେଡ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସୂର୍ଯ୍ୟ ନାରାୟଣ ମହାରଣା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମିତି ନିର୍ଦ୍ଦେଶକ ଭାବେ ହରିଚନ୍ଦ୍ର ମହାରଣା, ଧର୍ମେନ୍ଦ୍ର ମହାରଣା ଓ ଶ୍ୟାମ ମହାରଣା ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ ବିଶ୍ୱକର୍ମା ଶିଳ୍ପ ସମବାୟ ସମିତିର ସର୍ବାଙ୍ଗୀନ ଉନ୍ନତି ସହ ବଢେଇ ଜାତିର ସଂଶ୍ଳିଷ୍ଟ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ କାର୍ଯ୍ୟ କରିବା ପାଇଁ ନବନିର୍ବାଚିତ ସଭାପତି ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ସନ୍ୟାସୀ ମହାରଣା ପରିଚାଳନା କରିଥିଲେ। ମହୁରୀ ତାଲୁକା କାର୍ଯ୍ୟକାରୀ ସଭାପତି ଭାଗୀରଥି ମହାରଣା, ୨ ନଂ. ୱାର୍ଡ କର୍ପୋରେଟର ଏନ୍.ଆପା ରାଓ, ବିଶ୍ୱକର୍ମା ମନ୍ଦିର କମିଟି ସଭାପତି ଦେବହରି ମହାରଣାଙ୍କ ସମେତ ସୁଧୀର ରାଉତ, ପ୍ରଫୁଲ୍ଲ ମହାରଣା, ଶଙ୍କର ମହାରଣା, ପ୍ରକାଶ ଚନ୍ଦ୍ର ମହାରଣା, ଭଗବାନ ମହାରଣା, ବାଙ୍କ ମହାରଣା, ଜୟ ମହାରଣା, ପ୍ରଶାନ୍ତ ମହାରଣା, ପ୍ରଭାକର ମହାରଣା ଓ କିରଣ ମହାରଣାଙ୍କ ସମେତ ବହୁ ବୁଦ୍ଧିଜୀବୀ ଏବଂ ମନ୍ଦିର କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

**ଟ୍ରିପଲ୍ ରାଇଡିଂ ଧରପଗଡ଼**

## ୨୬ ଚାଳକଙ୍କଠାରୁ ଜରିମାନା ଆଦାୟ

**ବ୍ରହ୍ମପୁର ଅଫିସ,୨୩।୬**

ବ୍ରହ୍ମପୁର ସହରର ଟ୍ରାଫିକ ସମସ୍ୟା ଦୂର କରିବା, ଦୁର୍ଘଟଣା ରୋକିବା ସହ ଲୋକଙ୍କ ଧନ ଜୀବନ ସୁରକ୍ଷା ପାଇଁ ପୋଲିସ ତା'ର ପ୍ରୟାସ ଜାରି ରଖିଛି। ସହରରେ ପୋଲିସ ଏବେ ତିନି ଜଣିଆ ବାଇକ୍ ଆରୋହୀ (ଟ୍ରିପଲ ରାଇଡିଂ) ଧରପଗଡ ଆରମ୍ଭ କରିଛି। ଦିନକରେ ଟ୍ରାଫିକ ପୋଲିସ ୨୬ ଜଣ ଟ୍ରିପଲ ରାଇଡିଂ କରୁଥିବା ଲୋକଙ୍କଠାରୁ ୨୬ହଜାର ଟଙ୍କା ଜରିମାନା ଆଦାୟ କରିଛି। ଆଗକୁ ପୋଲିସ ପକ୍ଷରୁ ଟ୍ରିପଲ ରାଇଡିଂକୁ ନେଇ ସହରରେ ଯାଞ୍ଚ କଡାକଡି କରାଯିବ ବୋଲି ଟ୍ରାଫିକ ଥାନାଧିକାରୀ ସୁନୀଲ ବେହେରା ସୂଚନା ଦେଇଛନ୍ତି। ସଚେତନତା ପରେ ବି ଯେଉଁମାନେ ଅମାନିଆ ହେଉଛନ୍ତି ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଉଥିବା ସେ କହିଛନ୍ତି। ସହରର ବ୍ଲାକସ୍ପଟ ଭାବେ ଚିହ୍ନଟ ଲାଞ୍ଜିପଲ୍ଲୀ ବାଇପାସ୍, କମାପଲି, ଗେଟବଜାର ଚର୍ଚ୍ଚରୋଡ, ଅନ୍ନପୂର୍ଣ୍ଣା ମାର୍କେଟ ଓ ଆସିକା ରୋଡ ଆଦି ଅଞ୍ଚଳରେ ଟ୍ରିପଲ ରାଇଡିଂକୁ ନେଇ ଯାଞ୍ଚ କଡାକଡି କରାଯାଇଛି।

# ୧୧୫ ୟୁନିଟ୍ ରକ୍ତ ସଂଗ୍ରହ

**ବ୍ରହ୍ମପୁର ଅଫିସ,୨୩।୬**



ରକ୍ତଦାତାଙ୍କୁ ପ୍ରମାଣ ପତ୍ର ପ୍ରଦାନ।

**ନିଷ୍ଟ ଏନ୍‌ଏସ୍‌ଏସ୍‌ର ରକ୍ତଦାନ ଶିବିର**

ନିଷ୍ଟ କଲେଜ ଏନ୍‌ଏସ୍‌ଏସ୍ ପକ୍ଷରୁ ଗୁରୁବାର କଲେଜ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୫ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ବ୍ରହ୍ମପୁର ବଡ ଡାକ୍ତରଖାନା ରକ୍ତ ଭଣ୍ଡାରରେ ରକ୍ତ କମ ଥିବା ଜଣାପଡିବା ପରେ କଲେଜର ଏନ୍‌ଏସ୍‌ଏସ୍ ୨ଟି ୟୁନିଟ ପକ୍ଷରୁ ରକ୍ତଦାନ ଶିବିର କରାଯାଇଥିଲା। ଯେଉଁଥିରେ ଏନ୍‌ଏସ୍‌ଏସ୍‌ର କର୍ମକର୍ତ୍ତାମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ଶିବିରକୁ ନିଷ୍ଟର ଚେୟାରମ୍ୟାନ ଡ.ସୁକାନ୍ତ କିଶୋର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏନ୍‌ଏସ୍‌ଏସ୍ ୟୁନିଟ କାର୍ଯ୍ୟକ୍ରମ ଅଧିକାରୀ ଶିବ ପ୍ରସାଦ ତ୍ରିପାଠୀ ଓ ପ୍ରଦୀପ୍ତା ବିଶ୍ୱାଳଙ୍କ ସମେତ ପ୍ରଫେସର ସରୋଜ ପାଢୀ, ପ୍ରଫେସର ପ୍ରଦୀପ ଜେନା, ଡ.ପ୍ରଦ୍ୟୁମ୍ନ ପାତ୍ର, ଡ.ସୁଶାନ୍ତ କୁମାର ସାହୁ, ଡ.ମାନବେନ୍ଦ୍ର ପାତ୍ର ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଏନ୍‌ଏସ୍‌ଏସ୍‌ର କ୍ୟାପଟେନ ପ୍ରିୟଙ୍କା ପ୍ରତିହାରୀ ଓ ଗୌରବ କୁମାର ସଂଯୋଜନା କରିଥିଲେ। ନିଷ୍ଟର ରେଜିଷ୍ଟ୍ରାର କ୍ଷୀରୋଦ ଚନ୍ଦ୍ର ମହାପାତ୍ର ଓ ଅଧକ୍ଷ ଡ.ପ୍ରିୟଦର୍ଶୀ ତ୍ରିପାଠୀ ସହଯୋଗ କରିଥିଲେ। ନିଷ୍ଟର ଛାତ୍ରୀ ଯାବନିକା ଓ ଛାତ୍ର ନିଖିଲ କୁମାର ପରିଚାଳନାରେ ସହଯୋଗ କରିଥିଲେ।

# ଶିଶୁ ସୁରକ୍ଷା ଓ ଅଧିକାର ସମ୍ପର୍କିତ କର୍ମଶାଳା




ମଞ୍ଚାସୀନ ଅତିଥିବୃନ୍ଦ।

**ଦିଗପହଣ୍ଡି,୨୩।୬(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ୟୁଥ ଫର ସୋସିଆଲ ଡେଭଲପମେଣ୍ଟ(ୱାଇଏସଡି) ପକ୍ଷରୁ ଏକ ଶିଶୁ ସୁରକ୍ଷା ଓ ଅଧିକାର ସମ୍ପର୍କିତ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଡିଓ ହଳଧର ଶବର ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରି ଶିଶୁ ଅନୁକୂଳ ସମାଜ ପ୍ରତିଷ୍ଠା ଦିଗରେ ସମସ୍ତଙ୍କ ସହଭାଗିତା ଉପରେ ଆଲୋକପାତ କରିଥିଲେ। ପରେ ୱାଇଏସ୍‌ଡି ପ୍ରକଳ୍ପ ସଂଯୋଜକ ଚନ୍ଦନ କୁମାର ସାହୁ, ବ୍ଲକ ସଂଯୋଜକ ଲିପକ କୁମାର ବେହେରା ଏବଂ ଅର୍ଘ୍ୟରୂପା ନାୟକ ଶିଶୁମାନଙ୍କ ସୁରକ୍ଷା ଓ ଅଧିକାର ଉପରେ ସଚେତନ କରାଇ ପ୍ରଥମ ପର୍ଯ୍ୟାୟରେ ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତକୁ ଶିଶୁ ବନ୍ଧୁତାପୂର୍ଣ୍ଣ ପଞ୍ଚାୟତରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପ୍ରକାଶ କରିଥିଲେ। ଏଥିରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଗୌରବ ସାହୁ, ଜିପିଇଓ ଉମେଶ କୁମାର ସେଠୀ, ରଶ୍ମି ପ୍ରକାଶିନୀ ଜେନା, ଏବିଇଓ ରସାନନ୍ଦ ଘଡେଇଙ୍କ ସମେତ ସରପଞ୍ଚ ମନୋରଞ୍ଜନ ଗୌଡ, ରଞ୍ଜନ କୁମାର ସାହୁ, ବିଜୟ କୁମାର ପ୍ରଧାନ, ଲିଙ୍ଗରାଜ ଦୋରା, ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ପ୍ରଶାନ୍ତ କୁମାର ପ୍ରଧାନ, ରବିଚନ୍ଦ୍ର ଗୌଡ, ଚିତ୍ରସେନ ଗୌଡ, ସୁନିତା ସାହୁ, ବନିତା ସେଠୀ, ଅଙ୍ଗନୱାଡି ସୁପରଭାଇଜର ବବିତା କୁମାରୀ ପଣ୍ଡା, ବିଳାସ କୁମାରୀ ପାଣିଗ୍ରାହୀ, ବାସନ୍ତୀ ଦେବୀ ଓ ବ୍ଲକ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**ଅପ୍ରାକୃତିକ ଯୌନ ସମ୍ପର୍କ ଘଟଣା**

**■ପୀଡ଼ିତଙ୍କୁ ୫ଲକ୍ଷ ଦେବାକୁ ଡ଼ିଏଲଏସଓଙ୍କୁ ନିର୍ଦ୍ଦେଶ**

**ବ୍ରହ୍ମପୁର ଅଫିସ,୨୩।୬**



ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକସୋ ଜଜ ଗୁରୁପ୍ରସାଦ ସାହୁ ଗୁରୁବାର ଏକ ଅପ୍ରାକୃତିକ ଯୌନ ସମ୍ପର୍କ ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ସେ ଅଭିଯୁକ୍ତ ରବୀନ୍ଦ୍ର ରଣାଙ୍କୁ ୨୦ବର୍ଷ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ମଧ୍ୟ ରହିଛି। ଅନ୍ୟପଟେ ପୀଡ଼ିତାଙ୍କ ସହାୟତା ପାଇଁ ୫ଲକ୍ଷ ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ପୋକ୍‌ସୋ ଜଜ ଗୁରୁପ୍ରସାଦ ସାହୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୦୧୪ ଫେବୃୟାରୀ ୧୫ରେ ଜଣେ ନାବାଳକଙ୍କୁ କୌଶଳକ୍ରମେ ରବୀନ୍ଦ୍ର ଡାକି ନେଇଥିଲେ। ନିକଟସ୍ଥ ଏକ ଜମିରେ ରବୀନ୍ଦ୍ର ସେଠାରେ ତାଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ପରେ ପୀଡିତ ନାବାଳକ ଜଣଙ୍କ ଏନେଇ ତାଙ୍କ ମା'ଙ୍କୁ ଜଣାଇଥିଲେ। ପୀଡିତଙ୍କ ମା' ଦିଗପହଣ୍ଡି ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ନଂ.୨୭/୧୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପୋଲିସ ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନାଧିକାରୀ ସୁରେଶ କୁମାର ତ୍ରିପାଠୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ତାଙ୍କୁ ଜାମିନ ମିଳିଥିଲା। ଗୁରୁବାର ଏହି ମାମଲାର ବିଚାର ବେଳେ ଅଭିଯୁକ୍ତ ରବୀନ୍ଦ୍ରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୦ଜଣ ସାକ୍ଷୀ ଓ କୋର୍ଟରେ ପୋଲିସ ଦାଖଲ କରିଥିବା ଚାର୍ଜଶିଟକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ପୋକ୍‌ସୋ ଜଜ ଅଭିଯୁକ୍ତଙ୍କ ବିରୋଧରେ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ କୃଷ୍ଣ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

